LEARN GEETA
तस्मात् योगी भवार्जुन

ଶ୍ରୀ ହରିଃ
**ବସୁଦେବସୁତଂ ଦେବଂ କଂସଚାଣୂରମର୍ଦ୍ଦନମ୍ ।**
**ଦେବକୀପରମାନନ୍ଦଂ କୃଷ୍ଣଂ ବନ୍ଦେ ଜଗଦ୍‌ଗୁରୁମ୍ ।।**

गीता परिवार
॥ गीता पढ़ें, पढ़ायें, जीवन में लायें ॥

## ।। ଶ୍ରୀମଦ୍‌ଭଗବଦ୍ଗୀତା ବିବେଚନ ସାରାଂଶ ।।

**ଅଧ୍ୟାୟ 14: ଗୁଣତ୍ରୟବିଭାଗ ଯୋଗ**

3/3 (ଶ୍ଳୋକ 19-27), ରବିବାର, 09 ନଭେମ୍ବର 2025

**ବିବେଚକ: ଗୀତା ବିଦୂଷୀ ସୌ ବନ୍ଦନା ଜୀ ୱର୍ଣେକର**

ୟୁଟ୍ୟୁବ୍ ଲିଙ୍କ୍: https://youtu.be/qlFVWi5lBjI

# ତ୍ରିଗୁଣରୁ ଊର୍ଦ୍ଧ୍ବକୁ ଗତି କରିବାର ଅଭ୍ୟାସ

**-: ଉପକ୍ରମଣିକା :-**

ସୁନ୍ଦର ଭଜନ, ଶ୍ରୀହନୁମାନ ଚାଳିସା ପାଠ, ଭଗବାନ ଶ୍ରୀକୃଷ୍ଣଙ୍କ ବନ୍ଦନା, ଦୀପ ପ୍ରଜ୍ଜ୍ୱଳନ ଏବଂ ଗୁରୁଙ୍କ ଚରଣରେ ବନ୍ଦନ ସହିତ ଚତୁର୍ଦ୍ଦଶ ଅଧ୍ୟାୟର ତୃତୀୟା ତଥା ଅନ୍ତିମ  ଭାଗର ବିବେଚନ ସତ୍ର ଆରମ୍ଭ ହୋଇଥିଲା।

ମାତା ସରସ୍ୱତୀ, ଶ୍ରୀଭଗବାନ ବେଦବ୍ୟାସ, ଜ୍ଞାନେଶ୍ୱର ମହାରାଜ ତଥା ସଦ୍‌ଗୁରୁ ସ୍ୱାମୀ ଗୋବିନ୍ଦ ଦେବ ଗିରିଜୀ ମହାରାଜଙ୍କ ଚରଣରେ ବନ୍ଦନା ସହିତ, ଶ୍ରୀମଦ୍‌ଭଗବଦ୍‌ଗୀତାର ପ୍ରେମୀ ସାଧକମାନଙ୍କର ବିନମ୍ର ଅଭିବାଦନ କରାଯାଇଥିଲା।

ବିଗତ ସତ୍ରରେ ଆମେ ବୁଝିଥିଲୁ ଯେ ଆତ୍ମ-ସ୍ୱରୂପର ବୋଧ କରିବା ନିମନ୍ତେ ନିଜ ଅନ୍ତରଙ୍ଗରେ ସେହି ଗୁଣମାନଙ୍କର ଅବଲୋକନ କରିବା ଆବଶ୍ୟକ, ଯେଉଁ କାରଣରୁ ସମସ୍ତ କ୍ରିୟା ଘଟିଥାଏ। ପ୍ରତ୍ୟେକ ବ୍ୟକ୍ତିଙ୍କଠାରେ ଏହି ଗୁଣମାନଙ୍କର ଭିନ୍ନ-ଭିନ୍ନ ମିଶ୍ରଣ (Permutations and Combinations) ଓ ଅନୁପାତ (Proportion) ଆଧାରରେ ହିଁ ତାଙ୍କର ବ୍ୟକ୍ତିତ୍ୱ ଏବଂ ଜୀବନ-ଶୈଳୀ ନିର୍ମିତ ହୋଇଥାଏ। ଏହାର କାରଣ ଏହି ଯେ ସେ ନିଜକୁ ଗୁଣ ହିଁ ମଣୁଛି ଏବଂ ସେହି ଗୁଣମାନଙ୍କୁ ହିଁ ନିଜର ସ୍ୱରୂପ ବୁଝୁଛି। ଏହି କ୍ରମରେ ଅଧ୍ୟାୟର ଉତ୍ତରାର୍ଦ୍ଧର ବିବେଚନ ଉପସ୍ଥାପିତ।

ଶ୍ରୀମଦ୍‌ଭଗବଦ୍‌ଗୀତା ଏକ ପରିପୂର୍ଣ୍ଣ ଯୋଗ ଶାସ୍ତ୍ର ଏବଂ ଆନନ୍ଦମୟ ଜୀବନର କଳା ଅଟେ। ଏହା ଏକ ଅଦ୍ଭୁତ ଶାସ୍ତ୍ର ଯାହା ବିଷାଦଗ୍ରସ୍ତ ଜୀବାତ୍ମାକୁ ପ୍ରସନ୍ନତା ଆଡ଼କୁ ନେଇଯାଏ। ଏହାକୁ ପ୍ରତ୍ୟକ୍ଷ ଶ୍ରୀକୃଷ୍ଣ ରଣାଙ୍ଗଣରେ ଗୀତ ରୂପରେ ଗାଇଥିଲେ। ସମସ୍ତ ଉପନିଷଦ୍‌ମାନଙ୍କର ତତ୍ତ୍ୱଜ୍ଞାନର ସମ୍ପୂର୍ଣ୍ଣ ସାର ଶ୍ରୀଭଗବାନ୍ ଶ୍ରୀମଦ୍‌ଭଗବଦ୍‌ଗୀତାରେ ସମାହିତ କରି ଦେଇଛନ୍ତି। ଅର୍ଜୁନଙ୍କ ମାଧ୍ୟମରେ ଶ୍ରୀଭଗବାନ୍ ସେହି ସମସ୍ତଙ୍କ ପାଇଁ ଏହି ଅତ୍ୟନ୍ତ ସୁନ୍ଦର ଏବଂ ଆନନ୍ଦମୟ ଜୀବନ-ଶାସ୍ତ୍ରକୁ ନିଜ ମୁଖାରବିନ୍ଦରୁ ପ୍ରବାହିତ କରନ୍ତି ଯେଉଁମାନେ ଶ୍ରୀମଦ୍‌ଭଗବଦ୍‌ଗୀତାର ରସପାନ କରିବାକୁ ଇଚ୍ଛୁକ। ଏହି ଗ୍ରନ୍ଥରେ ଏହି ଅଧ୍ୟାୟ ଦ୍ରଷ୍ଟା ହେବାର କଳା ଶିଖାଏ। ଗୁଣମାନଙ୍କର ବନ୍ଧନରୁ ମୁକ୍ତ ହେବାର ଉପାୟ ହେଉଛି- ଦ୍ରଷ୍ଟା ହୋଇଯିବା। ଏହି ବୋଧ ଯେ 'ମୁଁ କ୍ରିୟାମାନଙ୍କର କର୍ତ୍ତା ବା ଭୋକ୍ତା ନୁହେଁ, କିନ୍ତୁ ଦ୍ରଷ୍ଟା ଅଟେ'। ଏହି କ୍ରିୟାମାନେ ଯାହା ମୋ ଶରୀରରୁ ଘଟୁଛି, ସେଗୁଡ଼ିକ ଏହି ଗୁଣମାନଙ୍କ କାରଣରୁ ହିଁ ହେଉଛି।

### ଗୁଣମାନଙ୍କର ବନ୍ଧନ ଏବଂ ଅନାସକ୍ତିର ମାର୍ଗ

ସତ୍ତ୍ୱ, ରଜ ଓ ତମ - ଏହି ତ୍ରିଗୁଣାତ୍ମିକା ପ୍ରକୃତିରୁ ଉତ୍ପନ୍ନ ତିନି ଗୁଣ ହିଁ ଆମର ବନ୍ଧନର କାରଣ ଅଟନ୍ତି, କାରଣ ଆମେ ଏଗୁଡ଼ିକୁ ନିଜର ସ୍ୱରୂପ ମାନି ନେଇଛୁ। ଯେପରି ଏକ ଗନ୍ତବ୍ୟରୁ ଅନ୍ୟ ଗନ୍ତବ୍ୟକୁ ଯିବା ପାଇଁ କୌଣସି ଯାନର ଉପଯୋଗ କରାଯାଏ, କିନ୍ତୁ ଗନ୍ତବ୍ୟ ଆସିଲେ ତାହାକୁ ଛାଡ଼ି ଦିଆଯାଏ, ସେଥିରେ ବସି ରହନ୍ତି ନାହିଁ, ସେହିପରି ଜୀବନର ଅନ୍ତିମ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚିବାର ଯାତ୍ରାରେ ଏହି ଗୁଣମାନେ ମାଧ୍ୟମ ହୋଇ କାର୍ଯ୍ୟ କରାଉଛନ୍ତି। ତିନି ଗୁଣମାନଙ୍କର ଲକ୍ଷଣ ଏବଂ ମୃତ୍ୟୁ ସମୟରେ ଯେଉଁ ଗୁଣ ସହିତ ଘନିଷ୍ଠ ସମ୍ବନ୍ଧ ହୋଇଥାଏ ଅବା ଯେଉଁ ଗୁଣର ପ୍ରାଧାନ୍ୟରେ

ଦେହ ତ୍ୟାଗ ହୋଇଥାଏ, ତାହାର ଅନୁରୂପ ହିଁ ପରବର୍ତ୍ତୀ ଜନ୍ମ ପ୍ରାପ୍ତ ହୋଇଥାଏ ଏବଂ ଜୀବାତ୍ମା ପୁନଶ୍ଚ ସେହି ଗୁଣମାନଙ୍କ ଦ୍ୱାରା ବନ୍ଧା ହୋଇଯାଏ, ତେଣୁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ ଯାହା ଶିଖାଏ ଯେ ସଂସାରରେ ରହି ମଧ୍ୟ ତାଠାରୁ ଅନାସକ୍ତ କିପରି ରହିପାରିବା।

ପ୍ରାୟତଃ ସାଂସାରିକ ଘଟଣାଗୁଡ଼ିକ ଆମ ଚିତ୍ତରେ ଏପରି ଅଙ୍କିତ ହୋଇଯାଏ, ଯାହାକୁ 'ସଂସାରର ମଳ' ମଧ୍ୟ କୁହାଯାଏ। ଆମେ ସେଗୁଡ଼ିକର ଆଧାରରେ ସୁଖ ବା ଦୁଃଖର ଅନୁଭବ କରିବାକୁ ଲାଗୁ। ଏହାର ଉଦାହରଣ ନଡ଼ିଆରୁ ବୁଝାଯାଇପାରେ। ଓଦା ନଡ଼ିଆରେ ଗିରି ତାର ବାହ୍ୟ ଆବରଣ ସହିତ ପୂର୍ଣ୍ଣତଃ ଲାଗି କରି ରହିଥାଏ, କିନ୍ତୁ ଶୁଖିଲା ପରେ ସେହି ଗିରି ଆବରଣରୁ ଅଲଗା ହୋଇଯାଏ ଏବଂ ଖଡ଼ଖଡ଼ କରିବାକୁ ଲାଗେ। ସେହିପରି, ଯେତେବେଳେ ସଂସାର ପ୍ରତି ରସ ବା ଆସକ୍ତି ରହିଥାଏ, ସେତେବେଳେ ଆମେ ସେଥିରେ ବାନ୍ଧି ହୋଇ ରହିଥାଉ ଏବଂ ଯେତେବେଳେ ଏହି ରସ ଶୁଖିଯାଏ, ସେତେବେଳେ ଆମେ ସେଥିରୁ ମୁକ୍ତ ହୋଇଯାଉ। ଯେତେବେଳେ ସଂସାରରେ ଅତ୍ୟଧିକ ଆସକ୍ତି ରହିଥାଏ, ସେତେବେଳେ ଏହା ଆମକୁ ବାନ୍ଧେ, ନଚାଏ ଏବଂ ସୁଖ-ଦୁଃଖ ଭଳି ଭାବନାମାନଙ୍କରେ ବାନ୍ଧି ରଖେ। ଏହାର କାରଣ ଏହି ଯେ ଆମେ ନିଜର ଇଛିତ ବସ୍ତୁମାନଙ୍କରେ ଆସକ୍ତି ଏବଂ ଅନିଛିତ ବସ୍ତୁମାନଙ୍କରେ ଦ୍ୱେଷ କରିବାକୁ ଲାଗୁ। ଏହି ସମସ୍ତ କ୍ରିୟାମାନଙ୍କୁ ଦ୍ରଷ୍ଟା ହୋଇ କିପରି ଦେଖାଯାଇପାରେ, ଏହା ହିଁ ଗୁଣମାନଙ୍କର ବିବେଚନର ସାର।

**ଗୁଣମାନଙ୍କର କାର୍ଯ୍ୟ ଏବଂ ଆତ୍ମ-ବୋଧ**

ଶ୍ରୀଭଗବାନ ଅର୍ଜୁନଙ୍କୁ ସିଧାସଳଖ ବୁଝାନ୍ତି ଯେ କୌଣସି କ୍ରିୟା ଘଟୁ ବା ରହୁ ଅବା ସଠିକ୍ ଦିଗରେ ଚାଲୁ, ତାହାର କାରଣ ଗୁଣ ହିଁ ଅଟନ୍ତି। ଯଦି ରଜୋଗୁଣ ସହିତ ସତ୍ତ୍ୱଗୁଣର ପ୍ରାଧାନ୍ୟ ଥାଏ ତେବେ କ୍ରିୟା ସଠିକ୍ ଦିଗରେ ହୋଇଥାଏ। ଯଦି ରଜୋଗୁଣ ସହିତ ତମୋଗୁଣର ପ୍ରାଧାନ୍ୟ ଥାଏ ତେବେ କ୍ରିୟା ଭୁଲ୍ ଦିଗରେ ଯାଇଥାଏ। ବସ୍ତୁତଃ କ୍ରିୟା ରଜୋଗୁଣର କାରଣରୁ ହିଁ ହୋଇଥାଏ। କ୍ରିୟାର ରହିଯିବା ତମୋଗୁଣର ପ୍ରଭାବ ଅଟେ ଏବଂ କ୍ରିୟାର ଜ୍ଞାନର ପ୍ରକାଶରେ ସଠିକ୍ ଦିଗରେ ଚାଲିବା ସତ୍ତ୍ୱଗୁଣର ପ୍ରଭାବ ଅଟେ। ସତ୍ତ୍ୱଗୁଣରୁ ପ୍ରାପ୍ତ ବୁଦ୍ଧି ହିଁ ଆମକୁ ସେହି ଅବସ୍ଥା ପର୍ଯ୍ୟନ୍ତ ନେଇଯାଏ, ଯେଉଁଠାରୁ ଆତ୍ମ-ସ୍ୱରୂପର ବୋଧ ଆରମ୍ଭ ହୋଇଥାଏ, ଅତଏବ ଶ୍ରୀଭଗବାନ କହନ୍ତି- "ହେ ଅର୍ଜୁନ! ଏହା ବୁଝି ନିଅ ଯେ ଏହି ସୃଷ୍ଟିରେ ଯାହା କିଛି ଘଟୁଛି, ତାହା ଗୁଣମାନଙ୍କ କାରଣରୁ ହେଉଛି। ଗୁଣ ହିଁ କର୍ତ୍ତା ଅଟନ୍ତି।" 'ମୁଁ କ୍ରିୟାମାନଙ୍କର କର୍ତ୍ତା ନୁହେଁ, ଭୋକ୍ତା ନୁହେଁ, କିନ୍ତୁ ଗୁଣ ହିଁ ମୋ ଦ୍ୱାରା ଏସବୁ କରାଉଛନ୍ତି'- ଯେତେବେଳେ ଏହା ବୋଧଗମ୍ୟ ହୋଇଥାଏ, ସେତେବେଳେ କ'ଣ ହୋଇଥାଏ? ଏହାର ଉତ୍ତର ହିଁ ଶ୍ରୀଭଗବାନ ପରବର୍ତ୍ତୀ ଶ୍ଳୋକରେ ଦେଉଛନ୍ତି।

**14.19**

**ନାନ୍ୟଂ(ଙ୍) ଗୁଣେଭ୍ୟଃ(ଖ୍) କର୍ତାରଂ(ମ୍), ଯଦା ଦ୍ରଷ୍ଟାନୁପଶ୍ୟତି।**
**ଗୁଣେଭ୍ୟଶ୍ଚ ପରଂ(ମ୍) ବେତ୍ତି, ମଦ୍ଭାବଂ(ମ୍) ସୋଽଧିଗଚ୍ଛତି ॥19॥**

ବିବେକୀ (ଜ୍ଞାନବାନ୍) ମନୁଷ୍ୟ ଯେତେବେଳେ ତିନିଗୁଣ ବ୍ୟତୀତ ଅନ୍ୟ କାହାକୁ କର୍ତ୍ତା ମନେ କରେ ନାହିଁ ଏବଂ ନିଜକୁ ଗୁଣଗୁଡିକରୁ ଅତୀତ ଅନୁଭବ କରେ, ସେତେବେଳେ ସେ ମୋର ସତ୍ ସ୍ୱରୂପକୁ ପ୍ରାପ୍ତ ହୁଏ।

**ବିବେଚନ :-**
**"ଯଦା ଦ୍ରଷ୍ଟା ଗୁଣେଭ୍ୟଃ ଅନ୍ୟଂ କର୍ତ୍ତାରଂ ନ ଅନୁପଶ୍ୟତି"**, ଅର୍ଥାତ୍ ଯେତେବେଳେ ଦ୍ରଷ୍ଟା, ଅର୍ଥାତ୍ ସାକ୍ଷୀ ଭାବରେ ନିଜ କ୍ରିୟାମାନଙ୍କୁ ଦେଖୁଥିବା ବ୍ୟକ୍ତି ଏହା ଜାଣି ନେଇଥାଏ ଯେ ଗୁଣମାନଙ୍କ ଅତିରିକ୍ତ ଅନ୍ୟ କୌଣସି କର୍ତ୍ତା ନାହିଁ। ସାଧାରଣତଃ ଯେତେବେଳେ କେହି ଅପମାନ ବା କ୍ରୋଧ କରେ ତେବେ ମନରେ ତତ୍କାଳ ଏକ ପ୍ରତିକ୍ରିୟା ଉତ୍ପନ୍ନ ହୋଇଥାଏ, କିନ୍ତୁ ଯେଉଁ ବ୍ୟକ୍ତି ଏହି କ୍ରିୟାମାନଙ୍କୁ ଓ ପ୍ରତିକ୍ରିୟାମାନଙ୍କୁ ସାକ୍ଷୀ ଭାବରେ ଦେଖିବା ଶିଖି ନେଇଛି, ସେ ଦ୍ରଷ୍ଟା ଅଟେ। ଯେ ସାକ୍ଷୀ (onlooker) ହୋଇ ନିଜ ଜୀବନ, ନିଜ କ୍ରିୟାମାନଙ୍କୁ ଏବଂ ସଂସାରକୁ ଦେଖିବାକୁ ଲାଗେ, ତା' ପାଇଁ "ଅନ୍ୟଂ କର୍ତ୍ତାରଂ ନ ଅନୁପଶ୍ୟତି" ଅର୍ଥାତ୍ ତାକୁ ଗୁଣମାନଙ୍କ ଅତିରିକ୍ତ ଅନ୍ୟ କୌଣସି କର୍ତ୍ତା ଦେଖାଯାଏ ନାହିଁ। ତା'ର ବୁଝାମଣାକୁ ଏହା ଆସିଯାଏ ଯେ ସମସ୍ତ କ୍ରିୟାମାନେ ଗୁଣମାନଙ୍କଠାରୁ ହିଁ ହେଉଛି ଏବଂ ଏହି ସଂସାରରେ ଗୁଣମାନଙ୍କ ଅତିରିକ୍ତ ଅନ୍ୟ କୌଣସି କର୍ତ୍ତା ନାହିଁ।

ମନୁଷ୍ୟର ବିଭିନ୍ନ ସ୍ୱଭାବର କାରଣ ମଧ୍ୟ ଏହି ଗୁଣ ହିଁ ଅଟନ୍ତି। ଉଦାହରଣ ସ୍ୱରୂପ, ଦୁର୍ଯ୍ୟୋଧନ ତଥା ଅନ୍ୟ କୌରବ ଏବଂ ପାଣ୍ଡବମାନେ ଗୋଟିଏ ପାଠଶାଳାରେ ହିଁ ଶିକ୍ଷିତ ହୋଇଥିଲେ, କିନ୍ତୁ ସେମାନଙ୍କର ବ୍ୟବହାର ଏବଂ ଚିନ୍ତନ ଶୈଳୀ ଭିନ୍ନ ଥିଲା, ତେଣୁ ଦୁର୍ଯ୍ୟୋଧନ କହେ ଯେ ସେ ଜାଣେ ଧର୍ମ ଏବଂ ଅଧର୍ମ କ'ଣ। ଏଠାରେ ଧର୍ମର ଅର୍ଥ କୌଣସି ଉପାସନା ପଦ୍ଧତିରୁ ନୁହେଁ, କିନ୍ତୁ ସେହି କର୍ତ୍ତବ୍ୟରୁ ଯାହାକୁ କରିବା ଉଚିତ୍। ଅନ୍ୟପକ୍ଷରେ ଅକର୍ତ୍ତବ୍ୟ ବା ଅଧର୍ମ ତାହା ଯାହାକୁ କରିବା ଉଚିତ୍ ନୁହେଁ, କାରଣ ସେଥିରୁ ନିଜର, ସମାଜର ଏବଂ ସୃଷ୍ଟିର ଅହିତ ହୋଇଥାଏ।

ଦୁର୍ଯ୍ୟୋଧନ କହେ-

**"ଜାନାମି ଧର୍ମଂ ନ ଚ ମେ ପ୍ରବୃତ୍ତିଃ ଜାନାମ୍ୟଧର୍ମଂ ନ ଚ ମେ ନିବୃତ୍ତିଃ।**
**କେନାପି ଦେବେନ ହୃଦି ସ୍ଥିତେନ ଯଥା ନିଯୁକ୍ତୋଽସ୍ମି ତଥା କରୋମି॥"**
**(ଗର୍ଗସଂହିତା ଅଶ୍ୱମେଧ ୫୦.୩୬)**

ମୁଁ ଧର୍ମକୁ ଜାଣେ, କିନ୍ତୁ ସେଥିରେ ମୋର ପ୍ରବୃତ୍ତି ହେଉ ନାହିଁ ଏବଂ ଅଧର୍ମକୁ ମଧ ଜାଣେ, କିନ୍ତୁ ସେଥିରୁ ମୋର ନିବୃତ୍ତି ହେଉ ନାହିଁ। ମୋ ହୃଦୟରେ କୌଣସି ଦେବତା ରହିଛନ୍ତି, ଯେମିତି ସେ ମୋ ଦ୍ୱାରା କରାନ୍ତି, ସେମିତି ହିଁ ମୁଁ କରେ।'

ତାକୁ ଏହି ବୋଧ ହୋଇଯାଇଥିଲା ଯେ ସେ କୌଣସି ବନ୍ଧନରେ ଅଛି, ଯାହା ତାକୁ ନିୟନ୍ତ୍ରଣ କରୁଛି ଏବଂ ସେ ନିଜକୁ ସମ୍ଭାଳି ପାରୁ ନାହିଁ। ଏହା ରଜୋଗୁଣ ହିଁ ଅଟେ, ଯାହା ତାକୁ ଅନ୍ୟମାନଙ୍କର ରାଜ୍ୟ ହଡ଼ପ କରିବା ଏବଂ ନିଜ ଭାଉଜଙ୍କର ବସ୍ତ୍ର ହରଣ କରିବା ଭଳି ଅପରାଧ ପାଇଁ ବାଧ କରୁଛି, ତେଣୁ ଶ୍ରୀଭଗବାନ୍ କହନ୍ତି ଯେ ଯେଉଁ ବ୍ୟକ୍ତି ଏହା ବୁଝି ନେଇଛି ଯେ ଗୁଣମାନଙ୍କ ଅତିରିକ୍ତ କୌଣସି କର୍ତ୍ତା ନାହିଁ, ସେ "ଗୁଣେଭ୍ୟଃ ପରଂ ବେତ୍ତି" ଅର୍ଥାତ୍ ଗୁଣମାନଙ୍କଠାରୁ ଉପରେ ଥିବା ତତ୍ତ୍ୱକୁ ମଧ ଜାଣି ନେଇଥାଏ ଏବଂ "ସ ମଦ୍‌ଭାବଂ ଅଧିଗଚ୍ଛତି" ଅର୍ଥାତ୍ ସେ ମୋର ଭାବକୁ ପ୍ରାପ୍ତ ହୋଇଥାଏ।

ଗୁଣାତୀତ ଅବସ୍ଥା ଏବଂ ଭଗବଦ୍-ଭାବର ପ୍ରାପ୍ତି - ସାଂସାରିକ କ୍ରିୟାମାନ ଗୁଣମାନଙ୍କ କାରଣରୁ ହୋଇଥାଏ, କିନ୍ତୁ ଏହି ଗୁଣମାନଙ୍କଠାରୁ ଅତୀତ, ଗୁଣାତୀତ ଏକ ତତ୍ତ୍ୱ ଅଛି - **ପରବ୍ରହ୍ମ ପରମାତ୍ମା।** ସେହି ପରମାତ୍ମା ସ୍ୱୟଂ ଗୁଣମାନଙ୍କଠାରୁ ପରେ ଅଛନ୍ତି। ସେ ଗୁଣମାନଙ୍କଠାରେ ବନ୍ଧା ନୁହନ୍ତି। ଯେତେବେଳେ ସେ ଅବତାର ନେଇଥାନ୍ତି, ସେତେବେଳେ ମଧ ଗୁଣମାନଙ୍କୁ ନିଜ ନିୟନ୍ତ୍ରଣରେ ରଖି ହିଁ ବ୍ୟବହାର କରନ୍ତି। ଯେଉଁ ବ୍ୟକ୍ତି ଏହା ଜାଣି ନେଇଛି, ତା' ପାଇଁ ଶ୍ରୀଭଗବାନ୍ **'ବେତ୍ତି'** ଶବ୍ଦର ଉପଯୋଗ କରନ୍ତି, ଯାହାର ଅର୍ଥ ହେଉଛି- ତତ୍ତ୍ୱରୁ ଜାଣିବା, ସ୍ୱରୂପ ଏବଂ ସ୍ୱଭାବକୁ ଭଲଭାବରେ ଜାଣିବା। ଏବେ ନିଜକୁ ଏହି ବନ୍ଧନରୁ ମୁକ୍ତ କରିବା ପାଇଁ ତା' ସହିତ ଯୋଡ଼ି ହେବାକୁ ପଡ଼ିବ, ଯେ ସ୍ୱୟଂ ବନ୍ଧନରୁ ମୁକ୍ତ ଅଛନ୍ତି। ଅତଏବ ଆମକୁ ଏପରି ଶ୍ରୀଭଗବାନ, ସନ୍ଥ-ମହାତ୍ମାମାନେ ବା ଗୁରୁଦେବଙ୍କ ଶରଣାଗତ ହେବାକୁ ପଡ଼ିବ, ଯେଉଁମାନେ ଏହି ଗୁଣମାନଙ୍କଠାରୁ ଅତୀତ ହୋଇଯାଇଛନ୍ତି। ସେମାନେ ହିଁ ଆମକୁ ବନ୍ଧନରୁ ମୁକ୍ତ କରିପାରିବେ।

ଶ୍ରୀଭଗବାନ୍ କହନ୍ତି ଯେ ଯେଉଁ ବ୍ୟକ୍ତି ଏହି ରହସ୍ୟ ବୁଝି ନେଇଛି, ସେ "ସ ମଦ୍‌ଭାବଂ ଅଧିଗଚ୍ଛତି" ଅର୍ଥାତ୍ ମୋର ଭାବକୁ ପ୍ରାପ୍ତ କରି ନେଇଥାଏ। ଶ୍ରୀଭଗବାନ୍‌ଙ୍କ ଭାବ ହେଉଛି - ସତ୍-ଚିତ୍-ଆନନ୍ଦ ସ୍ୱରୂପ। ସତ୍ ଅର୍ଥାତ୍ ଅନନ୍ତ ଜୀବନ, ଯାହା କେବେ ସମାପ୍ତ ହୁଏ ନାହିଁ, ଯାହା ତ୍ରିକାଳବାଧିତ ଏବଂ ଦେଶ-କାଳ ନିରପେକ୍ଷ ସତ୍ୟ ଅଟେ। ଚିତ୍ ଅର୍ଥାତ୍ ଅଖଣ୍ଡ, ସମ୍ପୂର୍ଣ୍ଣ ଏବଂ ସମଗ୍ର ଜ୍ଞାନ ଏବଂ ଆନନ୍ଦ ଅର୍ଥାତ୍ ସ୍ୱାଧୀନ ସୁଖ, ଯାହାର କୌଣସି ବିରୁଦ୍ଧାର୍ଥୀ ଶବ୍ଦ ନାହିଁ। ସୁଖ ଓ ଦୁଃଖ ଏକା ହିଁ ମୁଦ୍ରାର ଦୁଇ ପାର୍ଶ୍ୱ ଅଟନ୍ତି, କିନ୍ତୁ ଆନନ୍ଦ ଅଖଣ୍ଡିତ ହୋଇଥାଏ। ଏପରି ସଚ୍ଚିଦାନନ୍ଦ ସ୍ୱରୂପ ପରମାତ୍ମାଙ୍କ ସ୍ୱରୂପକୁ ସେହି ସାଧକ ଜାଣି ନେଇଥାଏ ଏବଂ ତାହାକୁ ପ୍ରାପ୍ତ ହୋଇଯାଏ।

**ଗୁଣାତୀତ ଅବସ୍ଥାର ସ୍ୱରୂପ ଏବଂ ତାହାର ପ୍ରାପ୍ତି-**

ଏହି ସନ୍ଦର୍ଭରେ ଶ୍ରୀଭଗବାନ୍ ପୂର୍ବରୁ ମଧ ସ୍ପଷ୍ଟ କରି ଦେଇଛନ୍ତି -

**ଊର୍ଦ୍ଧ୍ୱଂ ଗଚ୍ଛନ୍ତି ସତ୍ତ୍ୱସ୍ଥା ମଧ୍ୟେ ତିଷ୍ଠନ୍ତି ରାଜସାଃ।**
**ଜଘନ୍ୟଗୁଣବୃତ୍ତିସ୍ଥା ଅଧୋ ଗଚ୍ଛନ୍ତି ତାମସାଃ॥୧୪.୧୮॥**

ଅର୍ଥାତ୍ ଗୁଣମାନଙ୍କ ଆଧାରରେ ଜୀବର ଊର୍ଦ୍ଧ୍ୱ, ମଧ ବା ଅଧୋଗତି କିପରି ହୋଇଥାଏ। ଯେଉଁ ସାଧକ ଏହି ଜ୍ଞାନକୁ ବୁଝି ନିଜ ଜୀବନକୁ ଦ୍ରଷ୍ଟା ଭାବରେ ଦେଖେ ଏବଂ ଗୁଣାତୀତ ପରବ୍ରହ୍ମ ସହିତ ନିଜର ସମ୍ବନ୍ଧ ଯୋଡ଼ି ନେଇଥାଏ, ତା' ପାଇଁ ଶ୍ରୀଭଗବାନ୍ କହନ୍ତି ଯେ ସେ ଦ୍ରଷ୍ଟା (onlooker) ହୋଇଯାଏ। ସେ ଦୃଶ୍ୟ ନୁହେଁ, କିନ୍ତୁ ଦ୍ରଷ୍ଟା ହୋଇଯାଏ ଏବଂ ଦୃଶ୍ୟର ପରିଣାମମାନଙ୍କଠାରୁ ମୁକ୍ତ ହୋଇଯାଏ। ସେ ଗୁଣାତୀତ ପରବ୍ରହ୍ମ ପରମାତ୍ମାଙ୍କ ସ୍ୱରୂପକୁ କେବଳ ଜାଣେ ନାହିଁ, ସେହି ସ୍ୱରୂପକୁ ପ୍ରାପ୍ତ କରି ତା' ସହିତ ଏକାକାର ହୋଇଯାଏ।

ଏହି ଗୁଣାତୀତ ଅବସ୍ଥାର ଜୀବନ୍ତ ଉଦାହରଣ ଆମକୁ ସନ୍ଥ-ମହାତ୍ମା ମାନଙ୍କ ଜୀବନରୁ ମିଳିଥାଏ :

ଠାକୁର ରାମକୃଷ୍ଣ ପରମହଂସ: ମାଁ ଜଗଦମ୍ବାଙ୍କ ପ୍ରତି ତାଙ୍କର ନିଷ୍କାମ ଭକ୍ତି ଥିଲା— ଗୋଟିଏ ପ୍ରକାରର ଅନନ୍ୟ ପ୍ରେମ (unconditional love), ଯେଉଁଥିରେ କେବଳ ମାଁଙ୍କୁ ପାଇବାର ଆକାଙ୍କ୍ଷା ଥିଲା। ତାଙ୍କର ଏହି ଭକ୍ତିରେ ପ୍ରସନ୍ନ ହେଇ ମାଁ ତାଙ୍କୁ ତତ୍ତ୍ୱ ଜ୍ଞାନ ପ୍ରଦାନ କରିବା ପାଇଁ ତୋତାପୁରୀ ମହାରାଜାଙ୍କୁ ପଠେଇଲେ, ଯିଏ ତାଙ୍କୁ ବେଦାନ୍ତର ଜ୍ଞାନ ଦେଲେ।

ଏହାପରେ ଠାକୁର ତାଙ୍କର ଅନ୍ତର୍ମନରେ ମାଁଙ୍କ ସହିତ ଏତେ ଏକାକାର ହେଇଗଲେ ଯେ ଯେତେବେଳେ ତାଙ୍କୁ ଗଳା କର୍କଟ ରୋଗ (cancer) ହେଇଗଲା, ସେତେବେଳେ ସେ ତାଙ୍କର ଶିଷ୍ୟ ନରେନ୍ଦ୍ରନାଥ (ସ୍ୱାମୀ ବିବେକାନନ୍ଦ)ଙ୍କ ଅନୁରୋଧକୁ ଅସ୍ୱୀକାର କରିଦେଲେ।

ନରେନ୍ଦ୍ରନାଥ ତାଙ୍କୁ ନିଜର ମନ ଗଳା ରେ ଏକାଗ୍ର କରି ନିଜକୁ ରୋଗମୁକ୍ତ କରିବାକୁ ନିବେଦନ କରିଲେ, କିନ୍ତୁ ଠାକୁର ଉତ୍ତର ଦେଲେ ଯେ,"ଆରେ ପାଗଳ, ଯେଉଁ ମନ, ବୁଦ୍ଧି, ଚିତ୍ତ ସେହି ଚିନ୍ମୟୀ, ଅବିନାଶୀ ଜଗଦମ୍ବା ଙ୍କ ସହିତ ଏକାକାର ହେଇଗଲା, ତାକୁ କଣ ମୁଁ ପୁଣିଥରେ ଏହି ନଶ୍ୱର ଦେହ

ରେ ଲଗାଇବି"?

ତାଙ୍କର ଏହି ଏକାକାର ଅବସ୍ଥା ଏପରି ଥିଲା ଯେ ଦକ୍ଷିଣେଶ୍ୱର ରେ ମାଁ କାଳୀ ଙ୍କ ପୂଜା କରୁଥିବା ସମୟରେ ଯେଉଁ ଫୁଲମାଳ ମାଁ ଙ୍କୁ ଅର୍ପଣ କରିବା କଥା, ତାକୁ ନିଜେ ଧାରଣ କରି ନେଉଥିଲେ ଏବଂ ଯେଉଁ ଭୋଗ ମାଁ ଙ୍କୁ ଅର୍ପଣ କରିବା କଥା, ତାକୁ ନିଜେ ଗ୍ରହଣ କରି ନେଉଥିଲେ।

ଏହାଦେଖି ମନ୍ଦିର ର ବ୍ୟବସ୍ଥାପକ ମାଥୁର ବାବୁ ବୁଝିଗଲେ ଯେ ଏବେ ଠାକୁର ସେଇ ସର୍ବଶ୍ରେଷ୍ଠ ଆତ୍ମଜ୍ଞାନୀ ଅବସ୍ଥା କୁ ପହଞ୍ଚି ସାରିଲେଣି ଏବଂ ମନ୍ଦିରରେ ପୂଜା ପାଇଁ ଅନ୍ୟ କୌଣସି ପୂଜକ ଙ୍କୁ ନିଯୁକ୍ତ କରିବାକୁ ପଡ଼ିବ।

ସନ୍ଥ ତୁକାରାମ ମହାରାଜା: ସତସଙ୍ଗ କରୁଥିବା ସମୟରେ ତୁକାରାମ ନିଜେ ପାଣ୍ଡୁରଙ୍ଗ-ସ୍ୱରୂପ ହେଇଗଲେ, ଯଦିଓ ଶରୀର ଦ୍ୱାରା ଭଜନ ର କ୍ରିୟା ଚାଲୁଥିଲା। ସେ କହୁଥିଲେ -

**आधी होता सत्संग, तुका झाला पांडुरंग`,**
**याचे भजन राहीनां, मूळ स्वभाव जाइनां॥**

ତାଙ୍କର ମନ, ବୁଦ୍ଧି ଏବଂ ଚିତ୍ତ ସେହି ପାଣ୍ଡୁରଙ୍ଗ ରେ ଏପରି ବିଲୀନ ଥିଲେ ଯେ ସେ ନିତ୍ୟ ନିଜ ଭିତରେ ହିଁ ତାଙ୍କର ଦର୍ଶନ କରୁଥିଲେ।

ଆଦି ଶଙ୍କରାଚାର୍ଯ୍ୟ: ଏହି ପ୍ରକ୍ରିୟା କୁ ନିର୍ବାଣଷଟକମ୍ ରେ ବର୍ଣ୍ଣନା କରିଛନ୍ତି, ଯେଉଁଠାରେ ସେ ନିଜକୁ ଧୀରେ-ଧୀରେ ଅନାସକ୍ତ (detach) କରିବା ସହିତ ମୂଳ ଶିବ- ସ୍ୱରୂପ ଯାଏଁ ପହଞ୍ଚିବାର ମାର୍ଗଦର୍ଶନ କରିଛନ୍ତି।

ଆମେ କେବଳ ଶରୀର ନୁହଁ, ଅପିତୁ ଆମ ଭିତରେ ସେହି ଚୈତନ୍ୟ ତତ୍ତ୍ୱ ଅଛି। ସମ୍ପୂର୍ଣ୍ଣ ସୃଷ୍ଟି ଜଡ ଏବଂ ଚୈତନ୍ୟ ର ସଂଯୋଗ ଦ୍ୱାରା ହିଁ କ୍ରିୟାଶୀଳ। ଏହି ଦର୍ଶନ ଆଧୁନିକ ବୈଜ୍ଞାନିକ ସିଦ୍ଧାନ୍ତ ମାନଙ୍କ ଦ୍ୱାରା ମଧ୍ୟ ପ୍ରତିଧ୍ୱନିତ ହୋଇଥାଏ ।

ଆଇନଷ୍ଟାଇନ ଙ୍କ ସମୀକରଣ $E=mc^2$ ମଧ୍ୟ ଜଡ (matter) ଏବଂ ଚେତନା (energy) ର ସମ୍ବନ୍ଧ କୁ ଦର୍ଶାଇଥାଏ।

ଜଡ ର ବିନାଶ ସମ୍ଭବ, ପରନ୍ତୁ ଚେତନା, ଯିଏ ଊର୍ଜା ର ସ୍ୱରୂପ, ଅବିନାଶୀ ଅଟେ ('Energy can neither be created nor be destroyed')। ତାହା କେବଳ ରୂପାନ୍ତରିତ ହୋଇଥାଏ। ଏହି ଅବିନାଶୀ ଆତ୍ମ-ସ୍ୱରୂପ କୁ ଜାଣିବାର ମାର୍ଗ ଦେଖେଇବାକୁ ଯାଇ ଶଙ୍କରାଚାର୍ଯ୍ୟ କହୁଛନ୍ତି:

**मनोबुद्ध्यहङ्कारचित्तानि नाहं।**
**न च श्रोत्रजिह्वे न च घ्राणनेत्रे।**
**न च व्योम भूमिर्न तेजो न वायुः।**
**चिदानन्दरूपः शिवोऽहं शिवोऽहम्॥।**
**(निर्वाणषट्कम्, 1)**

ଏହାର ସାରମର୍ମ ହେଲା ଯେ ମୁଁ ମନ, ବୁଦ୍ଧି, ଅହଙ୍କାର, ଚିତ୍ତ ଅଥବା ଇନ୍ଦ୍ରିୟ ଗୁଡ଼ିକ ନୁହେଁ, ନା ମୁଁ ପଞ୍ଚମହାଭୂତ ଅଟେ, ମୁଁ ତ ଅବିନାଶୀ, ଚୈତନ୍ୟ ଏବଂ ଆନନ୍ଦ ସ୍ୱରୂପ ଶିବ ଅଟେ। ଏହି ବୋଧ ଜ୍ଞାନ ରେ ସମସ୍ତ ସମସ୍ୟା ଏବଂ ଦୁଃଖ ର ଅନ୍ତ ଅଛି, ଏବଂ ଶ୍ରୀମଦ୍ଭଗବଦ୍ଗୀତା ଆମକୁ ହାତଧରି ଏହି ଲକ୍ଷ୍ୟ ଯାଏଁ ପହଞ୍ଚେଇଦିଏ।

**14.20**

## ଗୁଣାନେତାନତୀତ୍ୟ ତ୍ରୀନ୍, ଦେହୀ ଦେହସମୁଦ୍ଭବାନ୍ ।
## ଜନ୍ମମୃତ୍ୟୁଜରାଦୁଃଖୈଃ(ର୍), ବିମୁକ୍ତୋଽମୃତମଶ୍ନୁତେ॥20॥

ଦେହଧାରୀ (ବିବେକୀ ମନୁଷ୍ୟ) ଦେହର ଉତ୍ପନ୍ନକାରୀ ତିନିଗୁଣକୁ ଅତିକ୍ରମ କରି ଜନ୍ମ, ମୃତ୍ୟୁ ଓ ଜରାରୂପକ ଦୁଃଖରୁ ମୁକ୍ତ ହୋଇ ଅମରତ୍ୱ ଅନୁଭବ କରେ।

**ବିବେଚନ :-**
ଶ୍ରୀ ଭଗବାନ କହୁଛନ୍ତି ଯେ "ଦେହୀ ଦେହସମୁଦ୍ଭବାନ୍ ଏତାନ୍ ତ୍ରୀନ୍ ଗୁଣାନ୍ ଅତୀତ୍ୟ" ଅର୍ଥାତ୍ ଦେହରେ ସ୍ଥିତ ସେହି ଚୈତନ୍ୟ ଆତ୍ମା,

ଯେତେବେଳେ ଦେହରୁ ଉତ୍ପନ୍ନ ଏହି ତିନି ଗୁଣଙ୍କ ଠାରୁ ଊର୍ଦ୍ଧ୍ୱକୁ ଚାଲିଯାଏ ଏବଂ ନିଜର ଆତ୍ମ-ତତ୍ତ୍ୱକୁ ଚିହ୍ନି ନିଏ, ସେତେବେଳେ ତାର କ'ଣ ପରିଣାମ ହୁଏ?

ଶ୍ରୀ ଭଗବାନ କହୁଛନ୍ତି ଯେ ଆତ୍ମା,**"ଜନ୍ମମୃତ୍ୟୁଜରାଦୁଃଖୈର୍ବିମୁକ୍ତୋଽମୃତମଶ୍ନୁତେ"** ଅର୍ଥାତ୍ ଜନ୍ମ, ମୃତ୍ୟୁ, ଏବଂ ବୃଦ୍ଧାବସ୍ଥା (ଜରା)ର ଶାରୀରିକ ଦୁଃଖମାନଙ୍କ ଠାରୁ ମୁକ୍ତ ହେଇ ଅମୃତ ତତ୍ତ୍ୱର ଅନୁଭବ କରିଥାଏ।

ଏହା ସେହି ଅବସ୍ଥା ଅଟେ, ଯାହାର ପ୍ରାର୍ଥନା ବୃହଦାରଣ୍ୟକୋପନିଷଦ୍‌ରେ କରାଯାଇଛି :

**(ॐ) असतो मा सद्गमय ।**
**तमसो मा ज्योतिर्गमय ।**
**मृत्योर्मा अमृतं गमय ।**
**(ॐ शान्तिः शान्तिः शान्तिः) ॥**
**(बृहदारण्यकोपनिषद्, ।।1.3.28।।)**

ସେହି ସାଧକ ଏହା ଜାଣି ନିଏ ଯେ ଏହି ଦୁଃଖମାନଙ୍କର ସମ୍ବନ୍ଧ ଦେହ ସହିତ ଅଛି, ଆତ୍ମା ସହିତ ନୁହେଁ, କାରଣ ସେ ଦେହ ନୁହେଁ, ଦେହୀ ଅଟେ। ସେତେବେଳେ ସେ ବାହାରର ପରିସ୍ଥିତିମାନଙ୍କ ଠାରୁ ଅପ୍ରଭାବିତ ରହି ଜୀବନର ଆନନ୍ଦ ନେଇଥାଏ। ଏହି ଆନନ୍ଦ କୌଣସି ବସ୍ତୁକୁ ପ୍ରାପ୍ତ କରିବାର ସୁଖ ନୁହେଁ ବରଂ ନିଜର ଅସ୍ତିତ୍ୱର ଆନନ୍ଦ ଅଟେ—'Joy of Being' ହୋଇଥାଏ, ନା କି 'Joy of Having'ର।

ଗୁଣାତୀତର ଲକ୍ଷଣମାନଙ୍କ ଉପରେ ଅର୍ଜୁନଙ୍କ ପ୍ରଶ୍ନ - ଏହା ଶୁଣି ଯୁଦ୍ଧ କ୍ଷେତ୍ରରେ ଦଣ୍ଡାୟମାନ ଅର୍ଜୁନଙ୍କ ମନରେ ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏପରି ଗୁଣାତୀତ ପୁରୁଷଙ୍କର ଲକ୍ଷଣଗୁଡ଼ିକ କଣ? ସେ କଣ ସଂସାରର କାର୍ଯ୍ୟ କରେ କିମ୍ବା ହିମାଳୟର କୌଣସି ଗୁମ୍ଫା କନ୍ଦର ମଧ୍ୟରେ ଧ୍ୟାନସ୍ଥ ରହିଥାଏ? ତାର ଆଚାର-ବ୍ୟବହାର କିପରି ହୋଇଥାଏ?

ଶ୍ରୀମଦ୍‌ଭଗବଦ୍ଗୀତା ଗୋଟିଏ ଜୀବନ୍ତ ସଂଳାପ (dialogue) ଅଟେ, କାରଣ ଅର୍ଜୁନଙ୍କ ଏପରି ପ୍ରଶ୍ନ ହିଁ ଗୁଢ଼ ତତ୍ତ୍ୱଙ୍କୁ ସର୍ବସୁଲଭ କରିଦିଅନ୍ତି। ଯେପରି ସେ ଦ୍ୱିତୀୟ ଅଧ୍ୟାୟରେ ସ୍ଥିତପ୍ରଜ୍ଞଙ୍କର, ଦ୍ୱାଦଶ ଅଧ୍ୟାୟରେ ଭକ୍ତଙ୍କର, ଏବଂ ତ୍ରୟୋଦଶ ଅଧ୍ୟାୟରେ ଜ୍ଞାନୀଙ୍କର ଲକ୍ଷଣ ପଚାରିଥିଲେ, ସେହିପରି ସେ ଏଠାରେ ଗୁଣାତୀତ ପୁରୁଷଙ୍କ ବିଷୟରେ ପ୍ରଶ୍ନ କରିଛନ୍ତି।

**14.21**

**ଅର୍ଜୁନ ଉବାଚ**
**କୈର୍ଲିଙ୍ଗୈସ୍ତ୍ରୀନ୍‌ଗୁଣାନେତାନ୍, ଅତୀତୋ ଭବତି ପ୍ରଭୋ ।**
**କିମାଚାରଃ(ଖ୍) କଥଂ(ଙ୍) ଚୈତାଂସ୍, ତ୍ରୀନ୍‌ଗୁଣାନତିବର୍ତତେ ॥21॥**

ଅର୍ଜୁନ କହିଲେ -- ହେ ପ୍ରଭୁ ! ଏହି ତିନିଗୁଣରୁ ଅତୀତ ମନୁଷ୍ୟଙ୍କର ଲକ୍ଷଣ କ'ଣ? ତାଙ୍କର ଆଚରଣ କିପରି? ଏବଂ ଏହି ତିନିଗୁଣଙ୍କୁ କିପରି ଅତିକ୍ରମ କରାଯାଇ ପାରେ ?

**ବିବେଚନ :-**
ଅର୍ଜୁନ ଶ୍ରୀ ଭଗବାନଙ୍କୁ ତିନୋଟି ସ୍ପଷ୍ଟ ପ୍ରଶ୍ନ ପଚାରିଲେ –

**"ଏତାନ୍ ତ୍ରୀନ୍ ଗୁଣାନ୍ ଅତୀତ:"** ଅର୍ଥାତ୍ ସତ୍ତ୍ୱ, ରଜ ଏବଂ ତମ, ଏହି ତିନୋଟି ଗୁଣ ଠାରୁ ଯିଏ ଊର୍ଦ୍ଧ୍ୱକୁ ଚାଲିଯାଇଛନ୍ତି,

"କୈର୍ଲିଙ୍ଗୈଃ ଭବତି"ଅର୍ଥାତ୍ ସେ କେଉଁ ଲକ୍ଷଣମାନଙ୍କ ଦ୍ୱାରା ଯୁକ୍ତ ହୋଇଥାନ୍ତି ? ଆମେ ତାଙ୍କୁ କିପରି ଚିହ୍ନି ପାରିବା ?

"**କିମାଚାରଃ**"ଅର୍ଥାତ୍ ତାଙ୍କର ଆଚରଣ ଏବଂ ବ୍ୟବହାର କିପରି ହୋଇଥାଏ? ଏବଂ "କଥମ୍ ଏତାନ୍ ତ୍ରୀନ୍ ଗୁଣାନ୍ ଅତିବର୍ତତେ" ଅର୍ଥାତ୍ କୌଣସି ସାଧକ ଏହି ତିନୋଟି ଗୁଣମାନଙ୍କ ଠାରୁ ଊର୍ଦ୍ଧ୍ୱକୁ କିପରି ଯାଇପାରିବ? ଅର୍ଜୁନ ସମସ୍ତ ସାଧକମାନଙ୍କ ପ୍ରତିନିଧି ଭାବରେ ଏହି ପ୍ରଶ୍ନ ପଚାରିଲେ, କାରଣ ଯେତେବେଳ ଯାଏଁ ସୈଦ୍ଧାନ୍ତିକ ଜ୍ଞାନ (theory)କୁ ବ୍ୟବହାରରେ ପ୍ରୟୋଗ କରିବାର ବିଧି ଜଣାନଥିବ, ସେତେବେଳ ଯାଏଁ ତାହା ଅନୁଭୂତିର ବିଷୟ ହେଇପାରିବ ନାହିଁ। ଶ୍ରୀମଦ୍‌ଭଗବଦ୍ଗୀତା କେବଳ ସୈଦ୍ଧାନ୍ତିକ ଜ୍ଞାନ ନୁହେଁ, ବରଂ ଅନୁଭୂତି - ସମ୍ପନ୍ନ ଜ୍ଞାନ ପ୍ରଦାନ କରିବାକୁ ଚାହୁଁଛନ୍ତି।

**ସିଦ୍ଧମାନଙ୍କର ଲକ୍ଷଣ ସାଧକମାନଙ୍କ ପାଇଁ ସାଧନ ହୋଇଥାଏ -**

ସେ ଗୋଟିଏ ଆଦର୍ଶ ପ୍ରସ୍ତୁତ କରିଛନ୍ତି, ଯାହାଦ୍ୱାରା ସାଧକକୁ ନିଜର ଗନ୍ତବ୍ୟର ବୋଧ ହୋଇଥାଏ ଏବଂ ସେ ନିଜର ପ୍ରଗତିର ଆକଳନ କରିପାରେ। ଯେତେବେଳେ ସାଧକର ଲକ୍ଷ୍ୟ ଉଚ୍ଚ ହୋଇଥାଏ, ସେତେବେଳେ ସେ ନିରନ୍ତର ଉପରକୁ ଦେଖେ।

ଯଦି ତାକୁ ଏହି ଭ୍ରମ ହେଇଯାଏ ଯେ ସେ ନିଜର ଲକ୍ଷ୍ୟ ଯାଏଁ ପହଞ୍ଚି ଗଲାଣି, ତ ସେ ଅନ୍ୟମାନଙ୍କ ସହିତ ନିଜର ତୁଳନା କରି କି ତାଙ୍କର ଅବଗୁଣ – ଯେପରିକି କ୍ରୋଧ, କାମନା, ମଦ, ଈର୍ଷାର ଭାବନା କରିବାକୁ ଲାଗେ। ଆମେ ଯାହା ଭାବନା କରୁ, ତାର ଗୁଣ ଆମର ଚିତ୍ତରେ ପ୍ରବେଶ କରନ୍ତି, ଯାହାଦ୍ୱାରା ଉର୍ଦ୍ଧ୍ୱଗାମୀ ଯାତ୍ରା ଅଧୋଗାମୀ ହେବାକୁ ଲାଗେ।

ଚିତ୍ତ ଗୋଟିଏ ଟ୍ରାନ୍ସଫର୍ମର(transformer) ଭଳି ଅଟେ; ଯେପରି ପ୍ରେରଣ ପ୍ରଭାବ (induction effect) ଦ୍ୱାରା ଗୋଟିଏ କୁଣ୍ଡଳୀ (coil)ର ଉର୍ଜା ଅନ୍ୟ କୁଣ୍ଡଳୀକୁ ଚାଲିଯାଏ, ସେହିପରି ଚିତ୍ତ ଯାହା ସହିତ ରୁହେ, ତାହାର ଗୁଣଗୁଡିକୁ ସ୍ୱତଃ ଗ୍ରହଣ କରିନିଏ, ସେଥିପାଇଁ ଶ୍ରୀ ଭଗବାନ ନିଜର ଚିତ୍ତ ପରମାତ୍ମାରେ ଲଗେଇବା ପାଇଁ ଉପଦେଶ ଦିଅନ୍ତି, ଯେପରି ଗୋପୀମାନେ ସେମାନଙ୍କ ଚିତ୍ତ ଶ୍ରୀକୃଷ୍ଣଙ୍କ ଠାରେ ଲଗାଇ ରଖୁଥିଲେ। ଏହି ପୃଷ୍ଠଭୂମିରେ ଅର୍ଜୁନଙ୍କ ପ୍ରଶ୍ନମାନଙ୍କର ଉତ୍ତର ଦେବାକୁ ଯାଇ ଶ୍ରୀ ଭଗବାନ କହୁଛନ୍ତି–

**14.22**

**ଶ୍ରୀଭଗବାନୁବାଚ**
**ପ୍ରକାଶଂ(ଞ୍) ଚ ପ୍ରବୃତ୍ତିଂ(ଞ୍) ଚ, ମୋହମେବ ଚ ପାଣ୍ଡବ।**
**ନ ଦ୍ୱେଷ୍ଟି ସମ୍ପ୍ରବୃତ୍ତାନି, ନ ନିବୃତ୍ତାନି କାଙ୍କ୍ଷତି ॥22॥**

ଶ୍ରୀଭଗବାନ କହିଲେ -- ହେ ପାଣ୍ଡବ! ପ୍ରକାଶ, ପ୍ରବୃତ୍ତି ଓ ମୋହ ପୂର୍ଣ୍ଣରୂପେ ପ୍ରବୃତ୍ତ ହେଲେ ମଧ ଗୁଣାତୀତ ମନୁଷ୍ୟ ସେଗୁଡିକ ପ୍ରତି ଦ୍ୱେଷ କରେ ନାହିଁ ଏବଂ ନିବୃତ୍ତ ହୋଇଗଲେ ମଧ ସେଗୁଡିକୁ ଇଚ୍ଛା କରେ ନାହିଁ।

**ବିବେଚନ :-**
ହେ ପାଣ୍ଡବ ! ଗୁଣାତୀତ ପୁରୁଷଙ୍କ ଆଚରଣର ବର୍ଣ୍ଣନା କରିବାକୁ ଯାଇ ଶ୍ରୀ ଭଗବାନ କହୁଛନ୍ତି ଯେ ପ୍ରକାଶ (ଜ୍ଞାନ, ସତ୍ତ୍ୱଗୁଣ), ପ୍ରବୃତ୍ତି (କ୍ରିୟା, ରଜୋଗୁଣ), ଏବଂ ମୋହ (ତମୋଗୁଣ) – ଏହି ଗୁଣମାନଙ୍କ "**ସମ୍ପ୍ରବୃତ୍ତାନି**" ଅର୍ଥାତ୍ ଉପସ୍ଥିତ ହୋଇଥିଲେ ମଧ ସେ ସେମାନଙ୍କ ସହିତ ଦ୍ୱେଷ କରେନାହିଁ, ଏବଂ "**ନିବୃତ୍ତାନି**" ଅର୍ଥାତ୍ ସେମାନେ ଚାଲିଯିବା ପରେ ସେମାନଙ୍କର "**ନ କାଙ୍କ୍ଷତି**"ଅର୍ଥାତ୍ ଆକାଂକ୍ଷା ମଧ କରେନାହିଁ। ସେ କେବଳ ଦ୍ରଷ୍ଟା ରୂପରେ ଏହି ଗୁଣମାନଙ୍କର ଖେଳକୁ ଦେଖିଥାଏ।

ଉଦାହରଣ ସ୍ୱରୂପ, ପ୍ରବଚନ ଶୁଣୁଥିବା ସମୟରେ

- ଯେତେବେଳେ ସତ୍ତ୍ୱଗୁଣର ପ୍ରାଧାନ୍ୟ ହୋଇଥାଏ, ସେତେବେଳେ ପ୍ରତ୍ୟେକ ଶବ୍ଦ ମନ ଉପରେ ଅଙ୍କିତ ହୋଇଯାଏ।
- ପୁଣି ତମୋଗୁଣର ପ୍ରଭାବରେ ନିଦ ଆସିବାକୁ ଲାଗେ ।
- ଏବଂ ରଜୋଗୁଣର ପ୍ରଭାବରେ ଉଠି ପଡ଼ି ଅନ୍ୟ କୌଣସି କାର୍ଯ୍ୟ କରିବାକୁ ଇଚ୍ଛା ହୁଏ। ଯିଏ ଏହି ତିନୋଟି ଅବସ୍ଥାକୁ ସାକ୍ଷୀ ଭାବରେ ଦେଖିଥାଏ, ସେ ହିଁ ଗୁଣାତୀତ ଅଟେ। ସଂକ୍ଷେପରେ ଯିଏ ଆସିଲା ତାର ଦ୍ୱେଷ ନାହିଁ ଏବଂ ଯିଏ ଚାଲିଗଲା ତାହାର ଆକାଙ୍କ୍ଷା ନାହିଁ।

**ଜୀବନ-ଦର୍ଶନର ଗୋଟିଏ ସୁନ୍ଦର ସୂତ୍ର ଅଛି –**

**आया सुख तो उपभोग लेना, उसका प्रदर्शन नहीं करना।**
**और आया दुःख तो सह लेना, लेकिन बार-बार उसका चिन्तन नहीं करना।**

ସାଧାରଣ ମନୁଷ୍ୟର ମନ ଗୋଟିଏ ସ୍ପଞ୍ଜ (sponge) ଭଳି ହୋଇଥାଏ ଯିଏ ଅପମାନ ବା ନିନ୍ଦା ଭଳି ଘଟଣାଗୁଡ଼ିକୁ ଅବଶୋଷିତ କରି (ଶୋଷି ନେଇ) ସେଗୁଡିକର ହିଁ ଭାବନା (ଚିନ୍ତନ) କରିଚାଲେ। ଏହାର ବିପରୀତ, ଗୁଣାତୀତ ପୁରୁଷର ଚିତ୍ତ ନିର୍ଲେପ ହୋଇଥାଏ।

ଜ୍ଞାନେଶ୍ୱର ମହାରାଜା ଯେପରି କହିଛନ୍ତି :

**दीपाचेनि प्रकाशें, गृहींचे व्यापार जैसे।**
**देहीं कर्मजात तैसे, योगयुक्ता ॥**
**तो कर्में करी सकळें, परी कर्मबंधा नाकळे।**

**जैसें न सिपें जळीं जळें, पद्मपत्र ॥ (ज्ञानेश्वरी, 5.49-50)**

ଅର୍ଥାତ୍, ଯେପରି ଦୀପକର ପ୍ରକାଶରେ ଘରର ସମସ୍ତ କାର୍ଯ୍ୟ ହୋଇଥାଏ, କିନ୍ତୁ ଦୀପକ ସେମାନଙ୍କ ଠାରୁ ଅଲିପ୍ତ (ବିଚ୍ଛିନ୍ନ) ରହିଥାଏ, ସେହିପରି ଯୋଗଯୁକ୍ତ ପୁରୁଷ ଦେହର କର୍ମମାନଙ୍କୁ ଦ୍ରଷ୍ଟା ଭାବରେ ଦେଖିଥାଏ।

ସେ କର୍ମ କରେ, ପରନ୍ତୁ କର୍ମବନ୍ଧନରେ ପଡ଼େନାହିଁ, ଠିକ୍ ସେହିପରି ଯେପରି ପଦ୍ମପତ୍ର ପାଣିରେ ରହି ମଧ୍ୟ ପାଣିରେ ଓଦା ହୁଏ ନାହିଁ।(“ପଦ୍ମପତ୍ରମିବାମ୍ଭସା”)।

**ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟାନ୍ତ -**

ଏକଦା ସ୍ୱାମୀ ବିବେକାନନ୍ଦ ଚିକାଗୋରେ ନିଜର ଅନୁଗାମୀମାନଙ୍କୁ ସଂସାରରେ ରହିଥାଇ ମଧ୍ୟ ସେଥିରୁ ନିର୍ଲିପ୍ତ ରହିବାର ସିଦ୍ଧାନ୍ତ ବୁଝାଉଥିଲେ। ଯେତେବେଳେ ଲୋକମାନଙ୍କୁ ଏହା ବୁଝିବାରେ କଷ୍ଟ ହେଲା, ସେତେବେଳେ ସେ ସେମାନଙ୍କୁ ସମୁଦ୍ର କୂଳକୁ ନେଇଗଲେ।

ସେଠାରେ ଦଣ୍ଡାୟମାନ ରହିଥିବା ଗୋଟିଏ ଜାହାଜ (ship) କୁ ନିର୍ଦ୍ଦେଶ କରି ସେ ପଚାରିଲେ, “ଯଦି ଜାହାଜରେ କଣା ହେଇଯିବ ତ କଣ ହେବ”? ଲୋକମାନେ ଉତ୍ତର ଦେଲେ,“ସେଥିରେ ପାଣି ଭର୍ତ୍ତି ହୋଇଯିବ ଏବଂ ତାହା ବୁଡ଼ିଯିବ।”

ସେତେବେଳେ ସ୍ୱାମୀଜୀ କହିଲେ,“ସେହି ପ୍ରକାର, ଯଦି ସଂସାରର ପରିଣାମ ଆମର ଭିତରକୁ ପ୍ରବେଶ କରିବେ ତ ଆମେ ମଧ୍ୟ ସେଥିରେ ବୁଡିଯିବା, ପହଁରି ପାରିବା ନାହିଁ।” ଶ୍ରୀ ଭଗବାନ ଏହି ନିର୍ଲିପ୍ତ ଅବସ୍ଥାର ଆଗକୁ ଆହୁରି ସୁନ୍ଦର ବର୍ଣ୍ଣନା କରିଛନ୍ତି।

**14.23**

**ଉଦାସୀନବଦାସୀନୋ, ଗୁଣୈର୍ଯୋ ନ ବିଚାଲ୍ୟତେ।**
**ଗୁଣା ବର୍ତ୍ତନ୍ତ ଇତ୍ୟେବ, ଯୋଽବତିଷ୍ଠତି ନେଙ୍ଗତେ ॥23॥**

ଯେ ଉଦାସୀନଭଳି ସ୍ଥିତ ଏବଂ ଯାହାକୁ ଗୁଣ ଦ୍ୱାରା ବିଚଳିତ କରାଯାଇ ପାରେନାହିଁ ତଥା ଗୁଣଗୁଡିକ ହିଁ ଗୁଣରେ ପ୍ରବୃତ୍ତ ହେଉଛନ୍ତି ବୋଲି ଭାବି ଯେ ନିଜ ସ୍ବରୂପରେ ଅବସ୍ଥାନ କରେ ଏବଂ ନିଜେ କୌଣସି ଚେଷ୍ଟା କରେ ନାହିଁ ----

**ବିବେଚନ :-**
ଗୁଣ ବାହାରେ ଥିବା ବ୍ୟକ୍ତିର ବୈଶିଷ୍ଟ୍ୟ ବର୍ଣ୍ଣନା କରି ଶ୍ରୀ ଭଗବାନ କହିଛନ୍ତି ଯେ ସେ "ଉଦାସୀନବତ୍ ଆସିନଃ", ଅର୍ଥାତ୍ ସେ ଜଣେ ଉଦାସୀନ ବ୍ୟକ୍ତି ପରି ବସି ରହନ୍ତି।

**ଆନ୍ତରିକ ଆତ୍ମର ସ୍ୱାଦ ଓ ସଂସାରଠାରୁ ତଟସ୍ଥ ରହିବା -**
ଯେଉଁ ବ୍ୟକ୍ତି ପରମାତ୍ମାଙ୍କ ଅବସ୍ଥା ପ୍ରାପ୍ତ କରିଛନ୍ତି ସେ ବାହ୍ୟ ଭାବରେ ଜଗତକୁ ଉପଭୋଗ କରୁଥିବା ପରି ଦେଖାଯାଏ, କିନ୍ତୁ ବାସ୍ତବରେ ସେ ନିଜ ଭିତରେ ପରମ ଆତ୍ମାର ଆନନ୍ଦ ଅନୁଭବ କରୁଛନ୍ତି। ପୃଷ୍ଠରେ, ସେ ଜଗତରେ ମଗ୍ନ ଥିବା ପରି ଦେଖାଯାଏ, କିନ୍ତୁ ସେ ଆଭ୍ୟନ୍ତରୀଣ ଭାବରେ ଯେଉଁ ଆନନ୍ଦ ଅନୁଭବ କରନ୍ତି ତାହା ହେଉଛି "**ରସୋ ବୈ ସାଃ**", (ଏହା ହିଁ ଆନନ୍ଦ), ପରମ ଆତ୍ମାର ଆନନ୍ଦ।

ସାଂସାରିକ ଘଟଣାଗୁଡ଼ିକରେ ଜଡିତ ନ ଥିବା ଏପରି ବ୍ୟକ୍ତି, '**ଉଦାସୀନବତ୍ ଆସୀନ**' (ଜଣେ ଉଦାସୀନ ବ୍ୟକ୍ତି ପରି ବସିଥାନ୍ତି)। "ଉଦ" ଅର୍ଥ ଉପରେ ଏବଂ "ଆସୀନ" ଅର୍ଥ ବସିବା। ଏହା ଏପରି ଯେପରି ସେ ଉପରେ ବସିଛନ୍ତି, ତାଙ୍କ ଶରୀର ସହିତ ଜଡିତ ନୁହଁନ୍ତି। ଯେପରି ଏକ ବହୁସ୍ତରୀୟ ଅଟ୍ଟାଳିକା (ବହୁମହଲା କୋଠା)ର ଉପର ସ୍ତରରେ ବସିଥିବା ଜଣେ ବ୍ୟକ୍ତି ତଳେ ଥିବା ଜିନିଷଗୁଡ଼ିକୁ ନିରୀକ୍ଷଣ କରନ୍ତି ତେବେ ସେଗୁଡ଼ିକ ଛୋଟ ଏବଂ ଦୂରରେ ଦେଖାଯାଏ ; ଆଉ ତଳେ ଥିବା ଶବ୍ଦ ତାଙ୍କୁ ପ୍ରଭାବିତ କରେ ନାହିଁ। ସେହିପରି ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ପାଇଁ ସମସ୍ତ ସାଂସାରିକ ଘଟଣା ସୂକ୍ଷ୍ମ, କ୍ଷୁଦ୍ର ଏବଂ ଦୂରରେ ଦେଖାଯାଏ। ସେ ସେଗୁଡ଼ିକୁ ତାଙ୍କ ନିକଟତର ଭାବରେ ଅନୁଭବ କରନ୍ତି ନାହିଁ, ଯାହା ଧୀରେ ଧୀରେ ଜଗତ ସହିତ ତାଙ୍କର ସମ୍ପର୍କ ତୁଟାଇଦିଏ।

**ତଟସ୍ଥ ଦ୍ରଷ୍ଟା : ପ୍ରକୃତିର ପ୍ରବାହରୁ ମୁକ୍ତି -**
ଏହି ଅବସ୍ଥା ନିରପେକ୍ଷ ରହିବାର ଏକ ଅବସ୍ଥା। 'ତଟ୍' ଅର୍ଥ ନଦୀ କିମ୍ବା ସମୁଦ୍ରର କୂଳ ଏବଂ 'ସ୍ଥା' ଅର୍ଥ ଅବସ୍ଥିତ। ଯେପରି କୂଳରେ ବସିଥିବା ଜଣେ ବ୍ୟକ୍ତି ନଦୀର ପ୍ରବାହକୁ ନିରୀକ୍ଷଣ କରନ୍ତି, ଏହି ବ୍ୟକ୍ତି ବିଶ୍ୱର ପ୍ରବାହକୁ ନିରୀକ୍ଷଣ କରନ୍ତି। ଯିଏ ଆଧାତ୍ମିକ ଅଭ୍ୟାସର ସମସ୍ତ ପାହାଚ ଚଢ଼ିଛନ୍ତି ଏବଂ ଯାହାର ମନ କିମ୍ବା ବୁଦ୍ଧି ବିଶ୍ୱ ବୁଦ୍ଧି (ପରମେଶ୍ୱର) ସହିତ ସଂଯୁକ୍ତ ହୋଇଛି, ସେ ଦୂରରୁ ପ୍ରକୃତିର ଏହି ସମସ୍ତ ପ୍ରବାହକୁ ନିରୀକ୍ଷଣ କରନ୍ତି। ପ୍ରକୃତିର ସମଗ୍ର ଖେଳ ତାଙ୍କୁ ଦୂରରୁ ଦେଖାଯାଏ, ଯେପରି ଜଣେ ନିରପେକ୍ଷ ବ୍ୟକ୍ତି।

**ଗୁଣୈର୍ୟୋ ନ ବିଚାଲ୍ୟତେ** ଅର୍ଥ ହେଉଛି ଯେ ସେ ମୋ ଗୁଣଗୁଡ଼ିକ ଦ୍ୱାରା ବିଚଳିତ ହୁଅନ୍ତି ନାହିଁ। ସେ ଅନ୍ୟମାନଙ୍କର କ୍ରୋଧ କିମ୍ବା ଲୋଭ ଦ୍ୱାରା ପ୍ରଭାବିତ ହୁଏ ନାହିଁ କାରଣ ସେ ବୁଝେ ଯେ ଏସବୁ ଗୁଣର ପ୍ରଭାବ। ସେ ଜଣେ ସାଧାରଣ ବ୍ୟକ୍ତି ପରି ନିଜକୁ ସାଂସାରିକ ଆଚରଣରେ ଜଡିତ କରନ୍ତି ନାହିଁ, ଯାହାଦ୍ୱାରା ସାଂସାରିକ ଦୂରାଚାର ତାଙ୍କ ପ୍ରବେଶକୁ ରୋକିଥାଏ। ସେ ଅନ୍ୟମାନଙ୍କର କ୍ରୋଧ କିମ୍ବା ଲୋଭ ଦ୍ୱାରା ବିଚଳିତ ହୁଅନ୍ତି ନାହିଁ କାରଣ ସେ ବୁଝନ୍ତି ଯେ କେଉଁ ଗୁଣ (ସତ୍ତ୍ୱ, ରଜ, ତମ) ସେହି ବ୍ୟକ୍ତିଙ୍କ ପ୍ରଭାବରେ ଅଛି। ଜ୍ଞାନୀ ବ୍ୟକ୍ତି ଦୂରରୁ ବିଶ୍ୱକୁ ନିରୀକ୍ଷଣ କରନ୍ତି। ତାଙ୍କର ଦୃଢ଼ ବୁଝାମଣା ଅଛି ଯେ "ଗୁଣ ବର୍ତ୍ତନ୍ତେ ଇତି ଏବ," ଅର୍ଥାତ୍, "କେବଳ ଗୁଣଗୁଡ଼ିକ କାର୍ଯ୍ୟ କରୁଛନ୍ତି।" ଏହି ଜ୍ଞାନରେ ପ୍ରତିଷ୍ଠିତ ହୋଇ, ସେ କେବେବି ଗୁଣଗୁଡ଼ିକଠାରୁ ଦୂରରେ ତାଙ୍କ ଅବସ୍ଥାରୁ ବିଚ୍ୟୁତ ହୁଅନ୍ତି ନାହିଁ ("ନ ଇଙ୍ଗତେ")।

**ଗୁଣଗୁଡ଼ିକଠାରୁ ଦୂରରେ ଥିବା ଅବସ୍ଥା ଏବଂ ପାଞ୍ଚ କୋଶର ପ୍ରବେଶ –**

ଗୁଣଗୁଡ଼ିକଠାରୁ ଦୂରରେ ଥିବା ବ୍ୟକ୍ତି ବୁଝେ ଯେ କେବଳ ଗୁଣଗୁଡ଼ିକ କାର୍ଯ୍ୟ କରୁଛନ୍ତି। ଏହି ସତ୍ୟକୁ ବୁଝି ସେ 'ଅବତିଷ୍ଠତି' (ଏଥିରେ ପ୍ରତିଷ୍ଠିତ ହୁଅନ୍ତି) ଏବଂ 'ନ ଇଙ୍ଗତେ' (କେବେ ବି ବିଚଳିତ ହୁଅନ୍ତି ନାହିଁ)। ସେ ସେହି ଦିବ୍ୟ ଅବସ୍ଥାରେ ପହଞ୍ଚିଥାନ୍ତି ଏବଂ କେବେ ଏଥିରୁ ଅବତରଣ କରନ୍ତି ନାହିଁ।

ଏହି ଅବସ୍ଥା ପାଞ୍ଚଟି ଆବରଣର ପରଦା ଅତିକ୍ରମ କରି ପ୍ରାପ୍ତ ହୁଏ, ଯାହା ନିମ୍ନଲିଖିତ:

- **ଅନ୍ନମୟ କୋଷ -** ଶରୀର ସହିତ ପରିଚୟର ଅବସ୍ଥା - ସମ୍ପୂର୍ଣ୍ଣ ଭାବରେ ଭୌତିକବାଦୀ ଜିନିଷରେ ବୁଡ଼ି ରହିବା - ମୋର ସମ୍ମାନ, ଅପମାନ, ସମାଲୋଚନା, ପ୍ରଶଂସା, ମୋର ପରିବାର, ମୋର ସମୃଦ୍ଧି, ବ୍ୟାଙ୍କ ବାଲାନ୍ସ୍, ଇତ୍ୟାଦି।
- **ପ୍ରଣମୟ କୋଷ -** ପ୍ରାଣୀକ ଶକ୍ତିର ସ୍ତର - କ୍ଷୁଧା, ତୃଷା ଏବଂ ମେଟାବୋଲିଜିମ୍ ଭଳି ପ୍ରାଣୀକ କାର୍ଯ୍ୟରେ ବାନ୍ଧି ହୋଇ ରହିବା।
- **ମନୋମୟ କୋଷ -** ମନର ସ୍ତର - ସମ୍ମାନ, ଅପମାନ, ପ୍ରଶଂସା, ସମାଲୋଚନା, ସଂକଳ୍ପ, ପସନ୍ଦ, ଇତ୍ୟାଦି - ମନର ସ୍ତରରେ ଫସି ରହିବା।
- **ବିଜ୍ଞାନମୟ କୋଷ -** ବୁଦ୍ଧିର ସ୍ତର - ଯେଉଁଠାରେ ଜଣେ ବ୍ୟକ୍ତି ନିଜ ନୀତି ଏବଂ ବିଶ୍ୱାସ ଦ୍ୱାରା ଆବଦ୍ଧ ହୋଇଯାଏ।
- **ଆନନ୍ଦମୟ କୋଷ -** ଚାରୋଟି ଆବରଣ ଅତିକ୍ରମ କରି, ଜଣେ ଆନନ୍ଦମୟ କୋଷରେ ପହଞ୍ଚି ସଚ୍ଚିଦାନନ୍ଦ ଅନୁଭବ କରେ।

ତଥାପି, ଏହି ଆବରଣ ମଧ୍ୟ ଅତିକ୍ରମ କରିବାକୁ ପଡିବ, କାରଣ ଏହି ଆବରଣ ମଧ୍ୟ ଏକ ପ୍ରକାରର ବନ୍ଧନ। ଏହି ଅନ୍ତିମ ଅହଂକାରର ବିଲୋପ ହେବା ପରେ ହିଁ ସିଦ୍ଧତା ପ୍ରାପ୍ତ ହୁଏ।

ଜ୍ଞାନେଶ୍ୱର ମହାରାଜ ଏହି "ମୁଁ" କୁ ମଧ୍ୟ ତ୍ୟାଗ କରିବା ବିଷୟରେ କହିଛନ୍ତି, ଯାହା "ମୁଁ ଆନନ୍ଦର ଅବତାର" ରେ ଅନ୍ତର୍ଭୁକ୍ତ।

**मी अहं देवुनि शंभु शांभवी झालो।**

ଅର୍ଥାତ୍, "ଏହି ଅହଂକାରକୁ ତ୍ୟାଗ କରି ମୁଁ ଶିବ ଏବଂ ଶକ୍ତିର ଅବତାର ହୋଇଗଲି।"

ଯିଏ ଏହି ପାଞ୍ଚ କୋଶକୁ ଅତିକ୍ରମ କରେ ସେ ଯେକୌଣସି ପରିସ୍ଥିତିରେ ବିଚଳିତ ହୁଏ ନାହିଁ।

ପ୍ରଭୁ ଜଗତ ପ୍ରତି ଏପରି ବ୍ୟକ୍ତିଙ୍କ ଦୃଷ୍ଟିକୋଣକୁ ଆହୁରି ବ୍ୟାଖ୍ୟା କରନ୍ତି।

**14.24**

**ସମଦୁଃଖସୁଖଃ(ସ୍) ସ୍ୱସ୍ଥଃ(ସ୍), ସମଲୋଷ୍ଟାଶ୍ମକାଞ୍ଚନଃ।**
**ତୁଲ୍ୟପ୍ରିୟାପ୍ରିୟୋ ଧୀରଃ(ସ୍), ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ॥24॥**

ଯେଉଁ ଧୀର ମନୁଷ୍ୟ ସୁଖ-ଦୁଃଖରେ ସମଭାବାପନ୍ନ ତଥା ନିଜ ସ୍ୱରୂପରେ ଅବସ୍ଥିତ, ଯେ ଟେକା, ପଥର ଓ ସୁବର୍ଣ୍ଣ ପ୍ରତି ସମଭାବ ରଖେ, ପ୍ରିୟ-ଅପ୍ରିୟ ଓ ନିଜର ନିନ୍ଦା-ସ୍ତୁତିକୁ ଯେ ସମ ଜ୍ଞାନ କରେ, ଯେ ମାନ-ଅପମାନ ତଥା ମିତ୍ର ଓ ଶତ୍ରୁଙ୍କ ପକ୍ଷରେ ସମ ରହେ ଏବଂ ଯେ ସମସ୍ତ କର୍ମାରମ୍ଭ ପରିତ୍ୟାଗୀ ଅଟେ, ସେହି ମନୁଷ୍ୟକୁ ଗୁଣାତୀତ କୁହାଯାଏ।

**ବିବେଚନ :-**

ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ ଗୁଣଗୁଡ଼ିକର ବାହାରେ ଥିବା ବ୍ୟକ୍ତି ସୁସ୍ଥ ତଥା ସୁଖ ଏବଂ ଦୁଃଖରେ ସମତା ବଜାୟ ରଖନ୍ତି।

ସମତ୍ୱ ହେଉଛି ଭଗବଦ୍ ଗୀତାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ନୀତି, ଯେପରି କୁହାଯାଇଛି, "ସମତ୍ୱଂ ଯୋଗ ଉଚ୍ୟତେ।" ଏଠାରେ, "ସୁସ୍ଥ" ଶବ୍ଦଟି କେବଳ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ଆଧ୍ୟାତ୍ମିକ ଅବସ୍ଥା ପାଇଁ ମଧ୍ୟ ବ୍ୟବହୃତ ହୋଇଛି। ଏହାର ବ୍ୟାଖ୍ୟା ହେଉଛି, "ସ୍ୱେ ତିଷ୍ଠତି ଇତି ସ୍ୱସ୍ଥଃ," ଅର୍ଥାତ୍ ଯିଏ ନିଜ "ଆତ୍ମା"ରେ ସ୍ଥାପିତ, ଅର୍ଥାତ୍ ତାଙ୍କ ଆତ୍ମା, ପ୍ରକୃତରେ ସୁସ୍ଥ। ଜଣେ ସାଧାରଣ ବ୍ୟକ୍ତିଙ୍କ "ଆତ୍ମା" ଲୋକ, ବିଷୟ, ଚିନ୍ତାଧାରା ଏବଂ ଘଟଣା ସହିତ ଜଡିତ, ଯାହା କାରଣରୁ ସେ ସର୍ବଦା ଅସ୍ଥିର।

ଯେପରି କୁହାଯାଇଛି:

**औरों से मिलने में यह दुनिया मस्त है,**
**स्वयं से मिलने की सभी लाइनें व्यस्त हैं।**

ଯେଉଁ ବ୍ୟକ୍ତି ନିଜର ପ୍ରକୃତ ସ୍ୱଭାବକୁ ଅନୁଭବ କରିଛି ସେ ଆତ୍ମକେନ୍ଦ୍ରିକ ଏବଂ ସୁସ୍ଥ ହୋଇଯାଏ, ଯାହାର ଏକ ଆଧ୍ୟାତ୍ମିକ ବ୍ୟାଖ୍ୟା ହେଉଛି "**ସ୍ୱେ ତିଷ୍ଠତି ଇତି ସ୍ୱାସ୍ଥଃ**" ଅର୍ଥାତ୍ ଯିଏ ନିଜ ପ୍ରକୃତ ସ୍ୱଭାବରେ ସ୍ଥାପିତ।

"**ସମଲୋଷ୍ଟାଶ୍ମକାଞ୍ଚନଃ**" ଅର୍ଥାତ୍ ତାଙ୍କ ଦୃଷ୍ଟିରେ ମାଟିର ଏକ ଖଣ୍ଡ, ପଥର ଏବଂ ସୁନା ସମାନ ହୋଇଯାଏ। ଏହାର ଅର୍ଥ ନୁହେଁ ଯେ ସେ ତାଙ୍କ ଘରେ ଥିବା ସୁନାକୁ ମାଟିରେ ଫିଙ୍ଗି ଦେବେ ବରଂ ସେ ଅନୁଭବ କରିବେ ଯେ ଏହି ବସ୍ତୁଗୁଡ଼ିକର ମୂଲ୍ୟ ମଣିଷ ଦ୍ୱାରା ପ୍ରଦତ୍ତ ମୂଲ୍ୟ। ବାସ୍ତବରେ, ସୁନାର କୌଣସି ଜୀବନ-ନିର୍ଭରଶୀଳ ଗୁଣ ନାହିଁ, ଯେତେବେଳେ ଖାଦ୍ୟ ମାଟିରେ ବଢ଼େ। ଯଦି ସମଗ୍ର ବ୍ରହ୍ମାଣ୍ଡ ସୁନା ହୋଇଯାଏ, ତେବେ ଜୀବନ ସମ୍ଭବ ନଥାନ୍ତା। ଏହି ଦୃଷ୍ଟିକୋଣରୁ, ମାଟି ଅଧିକ ମୂଲ୍ୟବାନ। ଏହି ବାସ୍ତବତାକୁ ବୁଝି, ଗୁଣଗୁଡ଼ିକ ବାହାରେ ଥିବା ଜଣେ ବ୍ୟକ୍ତି ଜିନିଷଗୁଡ଼ିକ ପ୍ରତି ସମାନତା ବଜାୟ ରଖେ।

"**ତୁଲ୍ୟପ୍ରିୟାପ୍ରିୟଃ**" ଅର୍ଥ ହେଉଛି ସେ ଜଣେ ଧୈର୍ଯ୍ୟବାନ୍ ବ୍ୟକ୍ତି, ସୁଖଦ ଏବଂ ଅପ୍ରୀତିକର ଘଟଣାଗୁଡ଼ିକ ପ୍ରତି ସମାନ ଭାବନା ବଜାୟ ରଖେ।

"**ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ**" ଅର୍ଥ ହେଉଛି ସେ ସମାଲୋଚନା ଏବଂ ପ୍ରଶଂସାର ସାମ୍ନାରେ ମଧ୍ୟ ସମାନ ରଖେ। କାରଣ ସେ ଜାଣନ୍ତି ଯେ ଅନ୍ୟମାନଙ୍କ ଆଚରଣ ତାଙ୍କ ନିୟନ୍ତ୍ରଣ ବାହାରେ। ଯେତେବେଳେ ଆମେ କାହାର ସମାଲୋଚନାରେ ଦୁଃଖିତ ଏବଂ କାହାର ପ୍ରଶଂସାରେ ଖୁସି ଅନୁଭବ କରୁ, ଆମେ ଜଗତ ଦ୍ୱାରା ଆବଦ୍ଧ ହୋଇଯାଉ, ଆମର ସ୍ୱାଧୀନତା ହରାଇବା ଏବଂ ନିର୍ଭରଶୀଳ ହୋଇଯାଉ। ଗୁଣଗୁଡ଼ିକୁ ଅତିକ୍ରମ କରୁଥିବା ବ୍ୟକ୍ତି ଏହି ଗୁପ୍ତ କଥାକୁ ବୁଝିପାରନ୍ତି ଏବଂ ନିଜ ପ୍ରକୃତ ସ୍ୱଭାବରେ ସ୍ଥିର ରହି ଜଗତର ଆଚରଣ ଦ୍ୱାରା ପ୍ରଭାବିତ ନ ହୋଇ ରହିପାରନ୍ତି।

ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ଏପରି ମହାପୁରୁଷମାନେ ପ୍ରକୃତରେ ଥିଲେ।

ସନ୍ଥ ଏକନାଥ ମହାରାଜଙ୍କୁ '**ଶାନ୍ତ ବ୍ରହ୍ମ**' ବୋଲି କୁହାଯାଉଥିଲା, ଏବଂ ଲୋକମାନେ ତାଙ୍କୁ କ୍ରୋଧ କରିବା ପାଇଁ ତାଙ୍କ ଉପରେ ବାଜି ଲଗାଉଥିଲେ, କିନ୍ତୁ ସେ କେବେ ବି ଡରି ନଥିଲେ।

ସେହିପରି, ଗୌତମ ବୁଦ୍ଧଙ୍କ ଜୀବନର ଏକ ପ୍ରସିଦ୍ଧ ଘଟଣା ଅଛି। ଥରେ, ଏକ ପ୍ରବଚନ ସମୟରେ, ଜଣେ ବ୍ୟକ୍ତି ଆସି ତାଙ୍କ ଉପରେ ଛେପ ପକାଇଲେ। ବୁଦ୍ଧ ଶାନ୍ତ ଭାବରେ ତାହା ପୋଛି ଦେଲେ ଏବଂ ପଚାରିଲେ, "ତୁମର ଆଉ କିଛି କହିବାକୁ ଅଛି କି?" ବ୍ୟକ୍ତିଟି ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ତୁମେ କ୍ରୋଧିତ ନୁହଁ?" ବୁଦ୍ଧ ଉତ୍ତର ଦେଲେ, "ଯଦି ତୁମର କାର୍ଯ୍ୟ ମୋତେ କ୍ରୋଧିତ କରିଥାନ୍ତା, ତେବେ ମୁଁ ତୁମର ଅଧୀନ ହୋଇଯାଆନ୍ତି। ମୁଁ ମୁକ୍ତ।" ପରଦିନ, ସେହି ବ୍ୟକ୍ତି ଅନୁତାପ ଅନୁଭବ କଲେ ଏବଂ ବୁଦ୍ଧଙ୍କ ପାଦ ତଳେ ପଡ଼ି କ୍ଷମା ଭିକ୍ଷା କଲେ। ବୁଦ୍ଧ ପୁଣି ପଚାରିଲେ, "ତୁମେ ଆଉ କିଛି କହିବାକୁ ଚାହୁଁଛ?" ଯେତେବେଳେ ସେ କ୍ଷମା ମାଗିଲେ, ବୁଦ୍ଧ କହିଲେ, "ମୁଁ ଗତକାଲି ତୁମକୁ କ୍ଷମା କରିସାରିଛି। ତୁମେ କ୍ଷମା ମାଗିବା ସମୟରେ ଯଦି ମୁଁ ତୁମକୁ କ୍ଷମା କରିଥାଆନ୍ତି, ତେବେ ମୁଁ ପୁଣି ତୁମର ଦାସ ହୋଇଥାନ୍ତି।" ଏପରି ମହାନ ଆତ୍ମାମାନଙ୍କର ଅନ୍ତଃସତ୍ତ୍ୱ ଏତେ ପବିତ୍ର ଏବଂ ସ୍ୱାଧୀନ ହୋଇଯାଏ ଯେ ସେମାନେ ପ୍ରଶଂସା ଏବଂ ସମାଲୋଚନାର ସାମ୍ନାରେ ସ୍ଥିର ରୁହନ୍ତି। ପ୍ରଭୁ ଏହି ସମାନତାର ମହିମାକୁ ଆହୁରି ପ୍ରଶଂସା କରନ୍ତି।

**14.25**

## ମାନାପମାନୟୋସ୍ତୁଲ୍ୟଃ(ସ୍) ତୁଲ୍ୟୋ ମିତ୍ରାରିପକ୍ଷୟୋଃ।
## ସର୍ବାରମ୍ଭପରିତ୍ୟାଗୀ, ଗୁଣାତୀତଃ(ସ୍) ସ ଉଚ୍ୟତେ॥25॥

ଯେଉଁ ଧୀର ମନୁଷ୍ୟ ସୁଖ-ଦୁଃଖରେ ସମଭାବାପନ୍ନ ତଥା ନିଜ ସ୍ୱରୂପରେ ଅବସ୍ଥିତ, ଯେ ଟେକା, ପଥର ଓ ସୁବର୍ଣ୍ଣ ପ୍ରତି ସମଭାବ ରଖେ, ପ୍ରିୟ-ଅପ୍ରିୟ ଓ ନିଜର ନିନ୍ଦା-ସ୍ତୁତିକୁ ଯେ ସମ ଜ୍ଞାନ କରେ, ଯେ ମାନ-ଅପମାନ ତଥା ମିତ୍ର ଓ ଶତ୍ରୁଙ୍କ ପକ୍ଷରେ ସମ ରହେ ଏବଂ ଯେ ସମସ୍ତ

କର୍ମାରମ୍ଭ ପରିତ୍ୟାଗୀ ଅଟେ, ସେହି ମନୁଷ୍ୟକୁ ଗୁଣାତୀତ କୁହାଯାଏ।

**ବିବେଚନ :-**
ଶ୍ରୀ ଭଗବାନ ଗୁଣ ବାହାରେ ଥିବା ବ୍ୟକ୍ତିର ଗୁଣଗୁଡ଼ିକ ବିଷୟରେ ଆହୁରି ବର୍ଣ୍ଣନା କରି କହିଛନ୍ତି –

ଯେ ସେ "ମାନାପମାନୟୋସ୍ତୁଲ୍ୟଃ", ଅର୍ଥାତ୍ ସେ ସମ୍ମାନ ଏବଂ ଅପମାନ ସମ୍ମୁଖରେ ସମାନ ରୁହନ୍ତି। ତାଙ୍କର ଆଚରଣ ଅନ୍ୟମାନଙ୍କ ନିୟନ୍ତ୍ରଣରେ ନାହିଁ, ଏବଂ ତେଣୁ, ସେ ସମ୍ମାନ ଏବଂ ଅପମାନ ଦ୍ୱାରା ପ୍ରଭାବିତ ନ ରୁହନ୍ତି। ଜଣେ ସାଧାରଣ ବ୍ୟକ୍ତି ନିରନ୍ତର ଏହି ଦ୍ୱନ୍ଦ୍ୱରେ ଫସି ରହିଥାଏ: ଅନୁକୂଳ ପରିସ୍ଥିତି ପ୍ରତି ଆସକ୍ତି ଏବଂ ପ୍ରତିକୂଳ ପରିସ୍ଥିତି ପ୍ରତି ବିରକ୍ତି, କିନ୍ତୁ ଗୁଣଠାରୁ ଅଧିକ ବ୍ୟକ୍ତି ସେମାନଙ୍କଠାରୁ ବାହାରେ।

"ତୁଲ୍ୟୋ ମିତ୍ରାରିପକ୍ଷୟୋଃ", ଅର୍ଥାତ୍ ତାଙ୍କର ବନ୍ଧୁ ଏବଂ ଶତ୍ରୁ ଉଭୟଙ୍କ ପ୍ରତି ସମାନ ଭାବନା ଅଛି। ଏହା ଏକ ଅନନ୍ୟ ପରିସ୍ଥିତି, କିନ୍ତୁ ଏହାକୁ ପ୍ରକୃତରେ ବୁଝିବା ଅତ୍ୟାବଶ୍ୟକ। ଏହାର ଅର୍ଥ ଆଚରଣର ସମାନତା ନୁହେଁ ବରଂ ଆନ୍ତରିକ ଭାବନାର ସମାନତା। ଶ୍ରୀରାମଙ୍କ ଉଦାହରଣ ଏହାକୁ ସ୍ପଷ୍ଟ କରେ। ସେ ରାବଣ ସହିତ ଯୁଦ୍ଧ କରିଥିଲେ ଏବଂ ତାଙ୍କୁ ଦଣ୍ଡ ଦେଇଥିଲେ, ଯାହା ତାଙ୍କର କର୍ତ୍ତବ୍ୟ ଥିଲା, କିନ୍ତୁ ସେ ନିଜ ଅନ୍ତରରେ ରାବଣ ପ୍ରତି କୌଣସି ଘୃଣା ରଖି ନ ଥିଲେ। ରାବଣଙ୍କ ମୃତ୍ୟୁ ପରେ, ଯେତେବେଳେ ବିଭୀଷଣ ତାଙ୍କର ଶେଷକୃତ୍ୟ କରିବାକୁ ମନା କଲେ, ଶ୍ରୀରାମ କହିଥିଲେ, "ଯଦି ତୁମେ ତାଙ୍କୁ ତୁମର ଭାଇ ବୋଲି ମାନିବ ନାହିଁ, ତେବେ ତାଙ୍କୁ ମୋର ଭାଇ ବୋଲି ଭାବି ତାଙ୍କର ଶେଷକୃତ୍ୟ କର।"

ଆବ୍ରାହମ ଲିଙ୍କେନ୍‌ଙ୍କ ଶବ୍ଦ ଏହି ଭାବନାକୁ ପ୍ରତିଫଳିତ କରେ :

'With malice towards none, love for all, fight we must'। (କାହା ପ୍ରତି ବିଦ୍ୱେଷ ନ ଥାଇ, ସମସ୍ତଙ୍କ ପ୍ରତି ପ୍ରେମ, ତଥାପି ଆମକୁ ଲଢ଼ିବାକୁ ପଡିବ)।

ଯୁଦ୍ଧ ଏକ କର୍ତ୍ତବ୍ୟ ଭାବରେ ଆବଶ୍ୟକ ହୋଇପାରେ, କିନ୍ତୁ ଅନ୍ତଃସ୍ୱରକୁ ଦୂଷିତ କରିବାରୁ ମୁକ୍ତ ରଖିବା ଉଚିତ। ବିପରୀତରେ, ଯଦି ଏହି ନୀତିକୁ ଠିକ୍ ଭାବରେ ବୁଝାଯାଏ ନାହିଁ, ତେବେ ପୃଥ୍ୱୀରାଜ ଚୌହାନଙ୍କ ପରି ଏକ ଭୁଲ, ଯିଏ ମହମ୍ମଦ ଘୋରୀଙ୍କୁ ବାରମ୍ବାର କ୍ଷମା କରିବା ପରେ ଶେଷରେ ପ୍ରତାରଣାର ଶିକାର ହୋଇଥିଲେ। ତେଣୁ, ଭଗବଦ୍ ଗୀତାକୁ କେବଳ ଶବ୍ଦରେ ବୁଝିବା ଉଚିତ ନୁହେଁ, ବରଂ ଶ୍ରୀକୃଷ୍ଣ ଏବଂ ମହାଭାରତର ଜୀବନର ଆଲୋକରେ ବୁଝିବା ଉଚିତ। ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହି ନଥିଲେ, "ଶତ୍ରୁମାନଙ୍କର ମଧ୍ୟ ଏକ ଆତ୍ମା ଅଛି, ତେଣୁ ଯୁଦ୍ଧ କର ନାହିଁ" ବରଂ ସେ ତାଙ୍କୁ ତାଙ୍କର କର୍ତ୍ତବ୍ୟ ପାଳନ କରିବାକୁ ପ୍ରେରଣା ଦେଇଥିଲେ।

"ସର୍ବାରମ୍ଭପରିତ୍ୟାଗି" - ଶ୍ଳୋକରେ ବର୍ଣ୍ଣିତ ଶେଷ ଗୁଣର ଅର୍ଥ କାର୍ଯ୍ୟ ତ୍ୟାଗ କରିବା ନୁହେଁ, ବରଂ "ମୁଁ ଏହା କଲି" ଏହି ଭାବନାକୁ ତ୍ୟାଗ କରିବା। ଗୁଣାବଳୀ ବାହାରେ ଥିବା ଜଣେ ବ୍ୟକ୍ତି ବୁଝନ୍ତି ଯେ ସମସ୍ତ କାର୍ଯ୍ୟ ପରମ ଶକ୍ତି ଦ୍ୱାରା କରାଯାଉଛି।

ଏହି ସମସ୍ତ ଗୁଣଗୁଡ଼ିକ ଥିବା ବ୍ୟକ୍ତିଙ୍କୁ "ଗୁଣାତୀତଃ ସ ଉଚ୍ୟତେ" କୁହାଯାଏ, ଯାହାର ଅର୍ଥ "ଗୁଣଗୁଡ଼ିକ ବାହାରେ"।

ଏହି ଗୁଣଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଜୀବନକୁ ବ୍ୟବହାରିକ ଦିଗଦର୍ଶନ ଦେବା। ଯଦି କେହି ଚାରି ବର୍ଷ ପୂର୍ବରୁ ଆପଣଙ୍କୁ ଠକିଥିଲା, ତେବେ ଏହାକୁ ବ୍ୟବହାରରେ ମନେ ରଖିବା ଆବଶ୍ୟକ, କିନ୍ତୁ ଆପଣଙ୍କ ହୃଦୟରେ ସେମାନଙ୍କ ପ୍ରତି ଘୃଣା ରଖିବା ଅନୁଚିତ। ଏହି ଘୃଣା ଆମ ମନକୁ କଳୁଷିତ କରେ। ଯେପରି ପଙ୍କ ପୋଖରୀରେ ପଡ଼ି ଯାଇଥିବା ଏକ ମୁଦି ଦେଖାଯାଇପାରିବ ନାହିଁ, ସେହିପରି ମନର ମଇଳା ଯୋଗୁଁ ଆମ ଭିତରେ ଥିବା ଆତ୍ମାର ପ୍ରତିଫଳନ ମଧ୍ୟ ଅଦୃଶ୍ୟ ହୋଇଯାଏ।

**14.26**

**ମାଂ(ଞ୍) ଚ ଯୋଽବ୍ୟଭିଚାରେଣ, ଭକ୍ତିଯୋଗେନ ସେବତେ।**
**ସ ଗୁଣାନ୍ସମତୀତ୍ୟୈତାନ୍, ବ୍ରହ୍ମଭୂୟାୟ କଳ୍ପତେ ॥26॥**

ଯେଉଁ ମନୁଷ୍ୟ ଅବ୍ୟଭିଚାରୀ ଭକ୍ତିଯୋଗ ଦ୍ୱାରା ମୋର ସେବା କରେ, ସେ ଏହି ଗୁଣଗୁଡିକୁ ଅତିକ୍ରମ କରି ବ୍ରହ୍ମପ୍ରାପ୍ତିର ପାତ୍ର ହୋଇଯାଏ।

**ବିବେଚନ :-**
**ଗୁଣାତୀତ ହେବାର ସାଧନ : ଅବ୍ୟଭିଚାରିଣୀ ଭକ୍ତି**

ଗୁଣାତୀତ ଅବସ୍ଥାର ଶୀର୍ଷ ଅବସ୍ଥାକୁ ବର୍ଣ୍ଣନା କରିବା ପରେ, ଶ୍ରୀଭଗବାନ୍ ସେହି ଗୁଣାତୀତ ଅବସ୍ଥାକୁ କିପରି ପ୍ରାପ୍ତ କରାଯାଇପାରେ, ଅର୍ଜୁନଙ୍କ ଏହି

ପ୍ରଶ୍ନର ଉତ୍ତର ଦେଇଛନ୍ତି ଏବଂ ସେ ଏହାର ନିଶ୍ଚିତ ତଥା ନିର୍ଦ୍ଦିଷ୍ଟ ଉପାୟ କହିଛନ୍ତି। ସେ କେବଳ ଅର୍ଜୁନଙ୍କର ହିଁ ସାରଥୀ ନୁହନ୍ତି, ତାଙ୍କ ପରମ୍ପରାର ସମସ୍ତ ସାଧକଙ୍କର ମଧ୍ୟ ସାରଥୀ ଅଟନ୍ତି।

ଶ୍ରୀଭଗବାନ କହନ୍ତି —

**"मां च योऽव्यभिचारेण भक्तियोगेन सेवते"**

ଏହି ପଦର ଅର୍ଥ ଯେଉଁ ଅବ୍ୟଭିଚାରିଣୀ ଭକ୍ତି ଦ୍ୱାରା ଭଗବାନଙ୍କ ସେବା କରେ, ତାଙ୍କୁ ହିଁ ବୁଝାଇଥାଏ। ଏଠାରେ 'ଅବ୍ୟଭିଚାରିଣୀ ଭକ୍ତି' ଶବ୍ଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସେଇ ଭକ୍ତି, ଯାହା କେବଳ ପରମାତ୍ମା ପାଇଁ ହିଁ କରାଯାଏ, କୌଣସି ସାଂସାରିକ ଭୋଗ ବା ଇଚ୍ଛା ପୂରଣ ପାଇଁ ନୁହେଁ । ଏହାର ବିପରୀତ-- ଯେଉଁ ଭକ୍ତିରେ ଶ୍ରୀଭଗବାନ୍ ସାଧନ ହୋଇଯାନ୍ତି ଏବଂ ଭୋଗ ସାଧ୍ୟ ହୋଇଯାଏ — ତାହାକୁ 'ବ୍ୟଭିଚାରିଣୀ ଭକ୍ତି' କୁହାଯାଏ । ଯଦିଓ ଏହିପରି ଭକ୍ତି ପ୍ରାରମ୍ଭିକ ଅବସ୍ଥାରେ ଉପକାରୀ, ତଥାପି ଜୀବନରେ ଏକ ସମୟ ଏମିତି ଆସିବା ଉଚିତ ଯେତେବେଳେ ସାଧକ କହିପାରିବ —

**'Father, I don't want your gifts, I want you'**
**(ହେ ପ୍ରଭୁ! ମୋତେ ଆପଣଙ୍କର ଉପହାର ନୁହେଁ, ଆପଣ ଦରକାର)।**

ଏହାର ଏକ ମାର୍ମିକ ଉଦାହରଣ ଆଧୁନିକ ଜୀବନରେ ଦେଖିବାକୁ ମିଳେ । ସୂଚନା ପ୍ରଯୁକ୍ତି (IT), ଚିକିତ୍ସା ବା ଇଞ୍ଜିନିୟରିଙ୍ଗ ଭଳି କ୍ଷେତ୍ରରେ ବ୍ୟସ୍ତ ଅଭିଭାବକମାନେ ନିଜ ସନ୍ତାନମାନଙ୍କ ପାଇଁ ଧନ ଓ ମହଙ୍ଗା ଖେଳନା ଯୋଗାଇ ଦେଇଥାନ୍ତି, କିନ୍ତୁ ସେମାନେ ତାଙ୍କୁ ନିଜ ସମୟ ଦେଇପାରୁନାହାନ୍ତି । ଶିଶୁ ଅଳ୍ପ ସମୟ ପର୍ଯ୍ୟନ୍ତ ସେଇ ଖେଳନାରେ ମନ ଲଗାଏ, କିନ୍ତୁ ଶେଷରେ ଏକ ଦିନ ସେ ସବୁ ବସ୍ତୁକୁ ଛାଡ଼ି ଦେଇ ଆର୍ତ୍ତ ଭାବରେ ଡାକେ–

**"ମୁଁ ଏ ଖେଳନା ସବୁ ଚାହେଁ ନାହିଁ, ମୁଁ ତୁମକୁ ଚାହେଁ! ମୁଁ ତୁମ ସହିତ ରହିବାକୁ ଚାହେଁ, ତୁମ ସହିତ କଥା ହେବାକୁ ଚାହେଁ ।"**

ଯେପରି ଶିଶୁର ଏହି ଆର୍ତ୍ତ ଡାକ ଶୁଣି ମା' ତା'କୁ କୋଳକୁ ନେବାକୁ ବାଧ୍ୟ ହୁଅନ୍ତି, ସେପରି ଯେତେବେଳେ ଜୀବାତ୍ମାର ଅନ୍ତରଙ୍ଗରୁ ଏହି ନିଷ୍ଠାଭରା ସ୍ୱର ଗୁଞ୍ଜନ ହୁଏ– ମୋର ସଂସାରର ଏହି ଖେଳନା – ପଦ ପ୍ରତିଷ୍ଠା ନୁହେଁ, କେବଳ ଆପଣ ହିଁ ଆବଶ୍ୟକ' ସେତେବେଳେ ସେହି ଭାବ ଅବ୍ୟଭିଚାରିଣୀ ଭକ୍ତି ର ରୂପ ଧାରଣ କରେ ।

ଶ୍ରୀଭଗବାନ କହୁଛନ୍ତି ଯେ, ଏପରି ଏକନିଷ୍ଠ ଭକ୍ତିଦ୍ୱାରା ଯିଏ ତାଙ୍କ ସେବା କରେ,'स गुणान् समतीत्य एतान्' ଅର୍ଥାତ୍ ସେ ତିନି ଗୁଣଠାରୁ ଉପରକୁ ଉଠିଯାଏ, ଏବଂ 'ब्रह्मभूयाय कल्पते' , ଅର୍ଥାତ୍ ସେ ବ୍ରହ୍ମସ୍ୱରୂପ ଲାଭ କରିବାକୁ ଯୋଗ୍ୟ ହୋଇଯାଏ । ଏପରି ଭାବେ, ଶ୍ରୀଭଗବାନ ଗୁଣାତୀତ ଅବସ୍ଥାକୁ ପ୍ରାପ୍ତ ହେବାର ମାର୍ଗକୁ ଭକ୍ତି ବୋଲି ପ୍ରତିପାଦିତ କରିଛନ୍ତି ।

ଜ୍ଞାନେଶ୍ୱର ମହାରାଜ ଏହି ଭକ୍ତିର ଅନନ୍ୟତାକୁ ବିବେଚନା କରି କହିଛନ୍ତି —

**परि तेचि भक्ति ऐसी,**
**पर्जन्याची सुटिका जैसी,**
**धरावांचूनि अनारिसी, गतीचि नेणें ॥**
**(ज्ञानेश्वरी, 11.686)**

ଯେପରି ବର୍ଷାର ଧାରା ଆକାଶରୁ ବିଚ୍ୟୁତ ହେବା ପରେ ପୃଥିବୀ ଉପରେ ନପଡିବା ପର୍ଯ୍ୟନ୍ତ ବିଶ୍ରାମ ନିଏ ନାହିଁ, ସେହିପରି ଭକ୍ତଙ୍କର ଅନ୍ତରରୁ ବିକଶିତ ଭକ୍ତି-ଧାରା ପରମାତ୍ମାଙ୍କ ପର୍ଯ୍ୟନ୍ତ ନ ପହଞ୍ଚିବା ପର୍ଯ୍ୟନ୍ତ ବିଶ୍ରାମ ନେଇନଥାଏ। ସେଥିପାଇଁ କୁହାଯାଇଛି:-

**कां सकळ जळसंपत्ती,**
**घेऊनि समुद्रातें गिंवसिती,**
**गंगा जैसी अनन्यगती,**
**मिळालीचि मिळे ॥**
**(ज्ञानेश्वरी, 11.687)**

ଅର୍ଥାତ୍, ଯେପରି ଗଙ୍ଗା ନିଜର ସମସ୍ତ ଜଳ-ସମ୍ପଦକୁ ନେଇ ଅନନ୍ୟ ଗତିରେ ସାଗର ଦିଗରେ ଧାଇଁଯାଏ ଏବଂ ସାଗର ସହିତ ମିଶି ଏକାକାର ହୋଇଯାଏ, ଭକ୍ତି ମଧ୍ୟ ଠିକ୍ ସେହିପରି ଅଟେ।

ଏହାର ସିଦ୍ଧାନ୍ତ ଏହାହିଁ ଯେ, 'ମନ ଯେଉଁ ବିଷୟ ସହ ଯୋଡି ହୋଇଯାଏ ତାହାର ଗୁଣକୁ ମଧ୍ୟ ଗ୍ରହଣ କରିନିଏ।' "ମୋତେ ଏ ସଂସାରିକ ଖେଳନା

– ପଦ ପ୍ରତିଷ୍ଠା ଆଦିରେ କୌଣସି ଲାଳସା ନାହିଁ, ମୁଁ କେବଳ ତୁମକୁ ଚାହେଁ!" ମୋ ଚିତ୍ତ ଯେତେବେଳେ ଅବିକାରୀ ପରମାତ୍ମାଙ୍କ ସହିତ ଯୁକ୍ତ ହୁଏ, ସେ ନିଜେ ମଧ୍ୟ ସମସ୍ତ ବିକାରରୁ ମୁକ୍ତ ହୋଇ ଅବିକାରୀ ହୋଇଯାଏ। ଏହି କାରଣରୁ ସନ୍ଥ ତୁଳସୀଦାସ, ତାଙ୍କର ହୃଦୟ-କମଳରେ ବାସ କରିବା ପାଇଁ, ପ୍ରଭୁ ଶ୍ରୀରାମଙ୍କୁ ପ୍ରାର୍ଥନା କରିଛନ୍ତି। ଏହା ଫଳରେ କାମାଦି ବିକାରମାନଙ୍କର ନାଶ ହୋଇପାରିବ ବୋଲି ସେ ବିଶ୍ୱାସ ଧାରଣ କରିଛନ୍ତି।

**इति वदति तुलसीदास शंकर-शेष-मुनि-मन-रञ्जनम्।**
**मम हृदय-कञ्ज-निवास कुरु कामादि-खल-दल-भञ्जनम्॥**
**(श्रीरामचन्द्र कृपालु भजमन, 5)**

ଏହାର ସିଦ୍ଧାନ୍ତ ଏହା ହେଉଛି ଚିତ୍ତ ଯେତେବେଳେ ସେହି ଅବିକାରୀ ପରମାତ୍ମାଙ୍କ ସହିତ ଯୁକ୍ତ ହୋଇଯାଏ, ସେ ନିଜେ ମଧ୍ୟ ସେହି ଗୁଣଗୁଡ଼ିକୁ ଗ୍ରହଣ କରି ବିକାରରୁ ମୁକ୍ତ ଓ ଶୁଦ୍ଧ ହୋଇଯାଏ।

ଏହା ଶୁଣିବାପରେ ଏହି ପ୍ରଶ୍ନ ଉଠେ ଯେ, 'ମାମ୍ ସେବତେ' ଏହି 'ମେଁ' (ମାମ୍) କିଏ? ଯାହାଙ୍କୁ ଏହି ଅନନ୍ୟ ଭକ୍ତି କରିବାକୁ କୁହାଯାଇଛି? ଶ୍ରୀଭଗବାନଙ୍କର ସ୍ୱରୂପ ଉଭୟ ସଗୁଣ ତଥା ନିର୍ଗୁଣ ଅଟେ । ସଗୁଣର ଆରାଧନା ଯଦି ନିଷ୍କାମ ଭାବରେ କରାଯାଏ, ତାହା ମଧ୍ୟ ସେହି ଗନ୍ତବ୍ୟ ପର୍ଯ୍ୟନ୍ତ ପହଞ୍ଚାଇଦିଏ ।

ସନ୍ଥମାନେ ଏହାକୁ ଜମା ହୋଇଥିବା ଘିଅ (ସାକାର) ଓ ତରଳି ଯାଇଥିବା ଘିଅ (ନିର୍ଗୁଣ)ର ଉଦାହରଣ ଦେଇ ବୁଝାନ୍ତି। ଜମା ହୋଇଥିବା ଘିଅ ଅଧିକ ସୁଆଦିଆ ଓ ଦାନାଦାର ହୋଇଥାଏ। ଯଦିଓ ଉଭୟର ତତ୍ତ୍ୱ ଏକ ହିଁ ହୋଇଥାଏ, ତଥାପି ସାକାର ସ୍ୱରୂପ ଭକ୍ତମାନଙ୍କ ପାଇଁ ଅଧିକ ସୁଲଭ ଏବଂ ଆସ୍ୱାଦ୍ୟ (ସୁଆଦିଆ) ହୋଇଥାଏ।

**14.27**

## ବ୍ରହ୍ମଣୋ ହି ପ୍ରତିଷ୍ଠାହମ୍, ଅମୃତସ୍ୟାବ୍ୟୟସ୍ୟ ଚ।
## ଶାଶ୍ୱତସ୍ୟ ଚ ଧର୍ମସ୍ୟ, ସୁଖସ୍ୟୈକାନ୍ତିକସ୍ୟ ଚ॥27॥

କାରଣ ମୁଁ ହିଁ ବ୍ରହ୍ମର, ଅବିନାଶୀ ଅମୃତର ତଥା ଶାଶ୍ବତ ଧର୍ମ ଓ ଐକାନ୍ତିକ ସୁଖର ଆଶ୍ରୟ।

**ବିବେଚନ :-**
**ଏହି ଭାବକୁ ସନ୍ଥ ତୁକାରାମ ସୁନ୍ଦର ଭାବରେ ବିବେଚନ କରିଛନ୍ତି। – 'ଅବ୍ୟଭିଚାରିଣୀ ଭକ୍ତି' କାହିଁକି କରିବା,**

ଏହାର ଆଧାର ସ୍ପଷ୍ଟ କରି ଶ୍ରୀଭଗବାନ କହୁଛନ୍ତି —

**"अव्ययस्य ब्रह्मणः अमृतस्य शाश्वतस्य धर्मस्य च ऐकान्तिकस्य सुखस्य प्रतिष्ठा अहम्"।**

ଶ୍ରୀକୃଷ୍ଣ ଏଠାରେ ଉଦ୍ଘୋଷଣ କରୁଛନ୍ତି ସେ ହିଁ ଅବିନାଶୀ ବ୍ରହ୍ମ (ବ୍ରହ୍ମଣଃ), ଅମୃତତ୍ୱ (ଅମୃତସ୍ୟ, ଅବ୍ୟୟସ୍ୟ), ଶାଶ୍ୱତ ଧର୍ମର (ଶାଶ୍ୱତସ୍ୟ ଧର୍ମସ୍ୟ) ଏବଂ ଏକାନ୍ତିକ ସୁଖ (ସୁଖସ୍ୟ ଏକାନ୍ତିକସ୍ୟ)ର ଆଧାର ଅର୍ଥାତ୍ ପ୍ରତିଷ୍ଠା ଅଟେ।

ଅର୍ଥାତ୍ ମୁଁ ହିଁ ଏହି ଅବିନାଶୀ ପରଂବ୍ରହ୍ମ, ଅମୃତ ତତ୍ତ୍ୱ (ଅମରତା), ଶାଶ୍ୱତ ଧର୍ମ ଏବଂ ଏକାନ୍ତିକ (ପୂର୍ଣ୍ଣ )ସୁଖର ଆଧାର (ପ୍ରତିଷ୍ଠା) ଅଟେ।

ଏଠାରେ ଶ୍ରୀଭଗବାନ ସ୍ୱୟଂ ନିଜକୁ ସଗୁଣ ଓ ନିର୍ଗୁଣ — ଉଭୟ ରୂପରେ ପ୍ରାପ୍ୟ ଏକମାତ୍ର ପରମ ଗନ୍ତବ୍ୟ ବୋଲି ପ୍ରତିପାଦିତ କରୁଛନ୍ତି। ସାଧକ କୃଷ୍ଣ, ରାମ କିମ୍ବା ଅନ୍ୟ ଯେ କୌଣସି ଆକାରରେ କିମ୍ବା ଯେ କୌଣସି ରୂପରେ ଭାବନା କରେ, ସେଥିରେ ଏହା ବୁଝିବା ଆବଶ୍ୟକ ଯେ ସେ ସଚ୍ଚିଦାନନ୍ଦ ସ୍ୱରୂପ ପରବ୍ରହ୍ମ ସାକାର ରୂପରେ ହିଁ ପ୍ରକାଶିତ ହୋଇଛନ୍ତି।

**"ବ୍ରହ୍ମ ହିଁ କୃଷ୍ଣ ଓ କୃଷ୍ଣ ହିଁ ବ୍ରହ୍ମ" —** ଏହି ଭାବନା ସହିତ ଯେତେବେଳେ ସାକାର ସ୍ୱରୂପର ଉପାସନା କରାଯାଏ, ସେହି ଉପାସନା ସାଧକଙ୍କୁ ଗୁଣାତୀତ ଅବସ୍ଥା ପର୍ଯ୍ୟନ୍ତ ନେଇଯାଏ ।

ଏହି ଦୃଷ୍ଟିରୁ ବ୍ରହ୍ମ ଓ ବିଶ୍ୱରେ, ବ୍ରହ୍ମ ଓ କୃଷ୍ଣରେ ତଥା କୃଷ୍ଣ ଏବଂ ଅନ୍ୟ ଭଗବଦ୍ ରୂପମାନଙ୍କ ମଧ୍ୟରେ କୌଣସି ଭେଦ ରହେନାହିଁ। ସାଧକ ଯେତେବେଳେ ଏହି ଅଭେଦ-ଭାବ ସହ ଉପାସନା କରେ, ସେତେବେଳେ ସାକାର ରୂପ ମଧ୍ୟରେ ସେହି ପରବ୍ରହ୍ମ ତତ୍ତ୍ୱର ଅନୁଭୂତି ଲାଭ ହୁଏ ଏବଂ ସୁଖ-ଦୁଃଖର ବନ୍ଧନ ସୃଷ୍ଟି କରୁଥିବା ତିନୋଟି ଗୁଣର ପ୍ରଭାବରୁ ମୁକ୍ତ ହୁଏ। ପରମାତ୍ମାଙ୍କ ସହ ନିରନ୍ତର ପ୍ରେମଭରା ଅନୁସନ୍ଧାନରେ ରହିବାକୁ ହିଁ

ଭକ୍ତି କୁହାଯାଏ।

ଏହି ନିଷ୍କାମ ଭକ୍ତି ପରମାତ୍ମାଙ୍କ ଉପରେ ଏକ ପ୍ରକାରର ଋଣ (debt) ସୃଷ୍ଟି କରେ। ଯେପରି ଜଣେ ମାଆ ନିଜ ଶିଶୁର ଆର୍ତ୍ତ ଡାକ ଶୁଣିଲେ ତାକୁ କୋଳରେ ଉଠାଇବାକୁ ବିବଶ ହୁଏ, ସେହିପରି ଭଗବାନ ମଧ୍ୟ ନିଜ ଭକ୍ତଙ୍କ ପ୍ରେମରେ ବଶ ହୋଇ ତାଙ୍କ ସହିତ ମିଳନ ପାଇଁ ବ୍ୟଗ୍ର ହୋଇପଡନ୍ତି।

ଶାସ୍ତ୍ର ମତରେ -

**भक्तिऋण घेतलें माझें।**
**चरण गहाण आहेत तुझे॥**
**प्रेमव्याज देईं हरी।**
**माझा हिशेब लवकर करीं॥**
**(सन्त तुकाराम, अभङ्ग)**

ଏହି ପ୍ରସଙ୍ଗରେ ସନ୍ଥ ତୁକାରାମ ମହାରାଜ କହିଛନ୍ତି —

"ହେ ପ୍ରଭୁ ! ଆପଣଙ୍କ ଉପରେ ମୋର ଭକ୍ତିର ଏକ ଋଣ ରହିଛି, ଯାହା ପାଇଁ ଆପଣ ନିଜ ଚରଣକୁ ମୋ ଉଦ୍ଦେଶ୍ଯରେ ରଖିଛନ୍ତି। ଯଦି ଆପଣ ଏହି ଋଣ ଶୋଧ କରିବାକୁ ଚାହୁଁଛନ୍ତି, ତେବେ ମୋତେ ନିଜର ପ୍ରେମରୂପକ ସୁଧ (interest) ଦିଅନ୍ତୁ ଏବଂ ଶୀଘ୍ର ଏହାର ହିସାବ କରନ୍ତୁ।"

ଏହା ସେହି ସନ୍ଥ ମହାତ୍ମାଙ୍କ ସୁନ୍ଦର ଭାବନା ଯାହା ଆମକୁ ସେହି ଅବସ୍ଥା ପର୍ଯ୍ୟନ୍ତ ନେଇଯାଏ, ଯେଉଁଠାରେ ଆମେ ସଂସାରରେ ରହି ମଧ୍ୟ ଗୁଣାତୀତ ହୋଇ, ସେହି ପରମ ଆନନ୍ଦର ଅନୁଭୂତି ସହିତ ଜୀବନ-ଯାପନ କରିପାରୁ।

**|| ଓଁ ଶ୍ରୀକୃଷ୍ଣାର୍ପଣମସ୍ତୁ ||**

**ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୁ ଉପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ(ୟାଁ) ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ଗୁଣତ୍ରୟବିଭାଗଯୋଗୋ ନାମ ଚତୁର୍ଦ୍ଦଶୋଽଧ୍ୟାୟଃ।।**

ଏହି ପ୍ରକାର ଓଁ ତତ୍ ସତ୍ -- ଏହି ଭଗବତ୍ ନାମର ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍ଗୀତା ଉପନିଷଦରୂପେ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ 'ଗୁଣତ୍ରୟବିଭାଗଯୋଗନାମକ' ଚତୁର୍ଦ୍ଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ।

---



ଆମେ ବିଶ୍ବାସ କରୁଛୁ ଯେ ଆପଣଙ୍କୁ ବିବେଚନର ରଚନା ପଢି ଭଲ ଲାଗିଥିବ । ଦୟାକରି ନିମ୍ନ ଲିଖିତ ଲିଙ୍କ ମାଧ୍ୟମରେ ଆମକୁ ଆପଣଙ୍କ ପ୍ରତିକ୍ରିୟା ଅବଗତ କରାନ୍ତୁ ।

https://vivechan.learngeeta.com/feedback/

**ବିବେଚନ-ସାର ଆପଣ ପାଠ କଲେ, ଧନ୍ୟବାଦ !**
ଆମେ ସମସ୍ତ ଗୀତା ସେବୀ , ଅନନ୍ୟ ମନରେ ପ୍ରୟାସ କରୁଛୁ ଯେ ବିବେଚନର ବିଷୟବସ୍ତୁ ଆପଣଙ୍କ ପର୍ଯ୍ୟନ୍ତ ଶୁଦ୍ଧ କଳେବରରେ ପହଞ୍ଚୁ ।
ଏହାପରେ ମଧ୍ୟ କଥନୀ କିମ୍ବା ଭାଷା ସମ୍ବନ୍ଧୀୟ କୌଣସି ତୃଟି ପାଇଁ ଆମେ କ୍ଷମା ପ୍ରାର୍ଥୀ ।

---

**ଜୟ ଶ୍ରୀକୃଷ୍ଣ!**
ସଂକଳନ- ଗୀତା ପରିବାର - ରଚନାତ୍ମକ ଲେଖନ ବିଭାଗ

**ପ୍ରତି ଘରେ ଗୀତା, ପ୍ରତି କରେ ଗୀତା**

Let’s come together with the motto of Geeta Pariwar, and gift our Geeta Classes to all our Family, friends & acquaintances

https://gift.learngeeta.com/

---

ଗୀତା ପରିବାର ଗୋଟିଏ ନୂତନ ଶୁଭାରମ୍ଭ କରିଛି । ବର୍ତ୍ତମାନ ଆପଣମାନେ ସମସ୍ତ ପୂର୍ବତନ ବିବେଚନର ୟୁଟ୍ୟୁବ ଭିଡିଓ ଏବଂ ପିଡିଏଫ୍ ଗୁଡିକୁ ବି ଦେଖି ଏବଂ ପଢି ପାରିବେ ।ଦୟାକରି ନିମ୍ନରେ ଦିଆଯାଇଥିବା ଲିଙ୍କର ଉପଯୋଗ କରନ୍ତୁ ।

https://vivechan.learngeeta.com/

---

**।। ଗୀତା ପଢନ୍ତୁ, ପଢାନ୍ତୁ, ଜୀବନରେ ଆପଣାନ୍ତୁ ।।**

**।। ଓଁ ଶ୍ରୀ କୃଷ୍ଣାର୍ପଣମସ୍ତୁ ।।**